# ୧୪ରେ ଢେଙ୍କାନାଳ ବନ୍ଦ

ଢେଙ୍କାନାଳ ଅଫିସ,୯।୨

ବରଗଡ ପରେ ଢେଙ୍କାନାଳରେ ସିଟି ହସ୍‌ପିଟାଲ ଦାବି ଜୋର ଧରିଛି। ଏହାକୁ ନେଇ ଢେଙ୍କାନାଳ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଅପରାହ୍ନ ୫ଟାରେ ସ୍ଥାନୀୟ ଗଣେଶ ବଜାରଠାରେ ଏକ ବୁଦ୍ଧିଜୀବୀ ସମାବେଶ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସହରସ୍ଥିତ ବାଜିଚୌକଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍‌ପିଟାଲ ଓ ଦକ୍ଷିଣକାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ୭ ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରାଯିବା ଦାବିରେ ଆସନ୍ତା ୧୪ ତାରିଖ ଦିନ ଢେଙ୍କାନାଳ ବନ୍ଦ ପାଳନ କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରରେ ବନ୍ଦ ପାଳନ କରାଯିବା ସହ ସିଟି ହସ୍‌ପିଟାଲ ଓ ମେଡିକାଲ କଲେଜ ଦାବିରେ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ଜିଲା ସଦର ମହୁକମାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ଯାନବାହାନ ଚଳାଚଳକୁ ବନ୍ଦ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । କେବଳ ରେଳ ଚଳାଚଳ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ବୁଦ୍ଧିଜୀବୀ ସମାବେଶ ଓ ଖବରଦାତା ସମ୍ମିଳନୀରେ ସହରର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଆଇନଜୀବୀ, ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ରାମଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଚାମ୍ବର ଅଫ୍ କମର୍ସର ସଭାପତି ଶରତଚନ୍ଦ୍ର ପାଢୀ, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଜଗତ ଉଦ୍ଧାର ମଞ୍ଚ ସଭାପତି ନବକିଶୋର ଗୁରୁ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ବରିଷ୍ଠ ଖବରଦାତା କୃଷ୍ଣକୁମାର ମିଶ୍ର, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ବିକ୍ରମ କେଶରୀ ପାଣି, ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଦିଲୀପ ମିଶ୍ର, ସାମାଜିକ କର୍ମୀ ରବି ନାରାୟଣ ମହାନ୍ତି, ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ସଭାପତି ସମରେନ୍ଦ୍ର ନନ୍ଦ, ପ୍ରେମଶଙ୍କର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶଥାଉ କି, ଗତ ୨୬।୫।୨୦୧୮ରେ ଜିଲା ମୁଖ୍ୟ ଚିକିତ୍ସାଳୟ ବାଜିଚୌକଠାରୁ ସ୍ଥାନାନ୍ତରିତ ହୋଇ ଦକ୍ଷିଣକାଳୀ ଅଞ୍ଚଳରେ ୫୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ୭ ମହଲା ବିଲ୍ଡିଂକୁ ଯାଇଥିଲା। ଏହା ପରେ ବାଜିଚୌକଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ବିଲ୍ଡିଂଟି କୌଣସି କାର୍ଯ୍ୟରେ ବ୍ୟବହାର ନ ହୋଇ ଅସାମାଜିକଙ୍କ ପେଣ୍ଠସ୍ଥଳୀ ସାଜିଥିଲା। ଏଥିପାଇଁ ପୂର୍ବରୁ ମଧ୍ୟ ବହୁବାର ସିଟି ହସ୍ପିଟାଲ କରିବାକୁ ଦାବି ହୋଇଆସୁଥିଲା। କିନ୍ତୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।


ଢେଙ୍କାନାଳ ବନ୍ଦ ପାଇଁ ନାଗରିକ କ୍ରିୟାନୁଷ୍ଠାନ କମିଟିର ବୈଠକ।

- ନାଗରିକ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି
- ସିଟି ହସ୍‌ପିଟାଲ, ମେଡିକାଲ କଲେଜ ଦାବି
- ଜାରି ରହିବ ରେଳ ଚଳାଚଳ

## ସଂକ୍ଷେପରେ

### ବଳରାମଙ୍କ ଗଜ ଉଦ୍ଧାରଣ ବେଶ



ଢେଙ୍କାନାଳ ଅଫିସ,୯।୨- ଢେଙ୍କାନାଳ ସହରର ଆରାଧ ଦେବତା ମହାପ୍ରଭୁ ଶ୍ରୀବଳରାମ ରବିବାର ଗଜ ଉଦ୍ଧାରଣ ବେଶ ଧାରଣ କରିଥିଲେ। ପ୍ରଭୁଙ୍କ ଦର୍ଶନ ପାଇଁ ସନ୍ଧ୍ୟା ୬ଟା ୧୦ରୁ ରାତି ୯ଟା ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମାଘ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀ ବଳରାମ ଓ ଶ୍ରୀକୃଷ୍ଣ ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଇଥିଲେ। ରାତି ୯ଟା ପରେ ବେଶ ଶେଷ ହେବା ପରେ ମିଷ୍ଟାନ୍ନ ଓ ଖେଚେଡି ଭୋଗ କରାଯାଇଥିଲା। ସଦର ବ୍ଲକ ସାଙ୍ଖୁଲେଇ ଗ୍ରାମରୁ ଆସିଥିବା ମହିଳା ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ପୂର୍ଣ୍ଣିମା ଅବସରରେ ପୌରାଣିକ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ହୋଇଥିଲା ବୋଲି ଜିମାଦାର ବସନ୍ତ କୁମାର ରଥ ସୂଚନା ଦେଇଛନ୍ତି।

### ରାମ ମନ୍ଦିର ରତ୍ନମୁଦ ଉତ୍ସବ



ଆଠମଲ୍ଲିକ, ୯।୨(ଡି.ଏନ.ଏ.)- ଆଠମଲ୍ଲିକ ସହର ମେଡିକାଲରୋଡ୍ ପାର୍ଶ୍ୱ ତଥା ପୋଲିସ ବନ୍ଧ ନିକଟରେ ଶ୍ରୀରାମ ମନ୍ଦିର ନିର୍ମାଣ ସମିତି ଆନୁକୂଲ୍ୟରେ ରବିବାର ରାମମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିନ ତମାମ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଚାଲିଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପଞ୍ଚଶସ୍ୟ, ପଞ୍ଚରତ୍ନ ଆଦି ପକାଇଥିଲେ। କର୍ତ୍ତା ଭାବେ ଉଦୀପ୍ତ ପୁରୋହିତ, ଅବସରପ୍ରାପ୍ତ କର୍ମଚାରୀ ଯୁଧିଷ୍ଠିର ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ରାଧାମୋହନ ତ୍ରିପାଠୀ, ଅଶ୍ୱିନୀ ନନ୍ଦ କାର୍ଯ୍ୟ ନିର୍ବାହ କରିଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପୂର୍ବତନ ନଗରପାଳ ସନ୍ତୋଷ ହୋତାଙ୍କ ଉଦ୍ୟମ ତଥା ତାଙ୍କ ନିଜସ୍ୱ ଜମିରେ ମନ୍ଦିର ନିର୍ମାଣ ଚାଲିଛି। କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବାବା ଗିରିବର ଦାସ ଯୋଗଦେଇଥିଲେ।

# ୧୩୫ ୟୁନିଟ୍ ରକ୍ତ ସଂଗ୍ରହ



ବଜରଙ୍ଗ କ୍ଲବ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର।

ଢେଙ୍କାନାଳ ଅଫିସ,୯।୨

ଢେଙ୍କାନାଳ ସଦର ବ୍ଲକ କଙ୍କଡାହାଡସ୍ଥିତ ବଜରଙ୍ଗ କ୍ଲବ୍ ତରଫରୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଦସ୍ୟ ଓ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଏଥିରେ ୧୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଦେବରାଜ ବେହେରା, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ବେହେରା, ସମିତିସଭ୍ୟ ମହେଶ୍ୱର ବେହେରା, ଉପଦେଷ୍ଟା ହାବୁ ଭାଇ, ମଙ୍ଗଳପୁରର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଆଇନଜୀବୀ କାମାକ୍ଷା ପ୍ରସାଦ ରଣା, ମାତୃପ୍ରସାଦ ବେହେରା, ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା, ଶିକ୍ଷକ ଅଞ୍ଜନ ମହାରଣା ଓ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ୍ ସଭାପତି ଜିତେନ୍ଦ୍ର ବେହେରା, ଉପସଭାପତି ଅଜିତ୍ କୁମାର ମହାରଣା, ସମ୍ପାଦକ ବିଶ୍ୱଜିତ୍ ବେହେରା, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ସେଠୀ, କୋଷାଧ୍ୟକ୍ଷ ବବୁଲ ମହାପାତ୍ର ଓ ସଦସ୍ୟ ପିଣ୍ଟୁ ସାହୁ, ମଳୟ କୁମାର ବିନ୍ଧାଣି, ଜ୍ୟୋତି ରଞ୍ଜନ ବେହେରା, ବିଭୂତି ଭୂଷଣ ବେହେରା, ଚିନ୍ମୟ ବେହେରା, କାଳିଆ ସେଠୀ, ବୈଦ୍ୟନାଥ ବିନ୍ଧାଣୀ, ରାକେଶ ରଣା, ଅନିଲ ବେହେରା, ଶିବାଶିଷ୍ ସାହୁ, ଶିଶିର ସେଠୀ, ଶ୍ରୀବସ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଜୟନାରାୟଣ ପାଢୀ, ଡା. ପ୍ରେମାନନ୍ଦ ସାହୁ, ରକ୍ତଦାତା ଅନୁପ୍ରେରକ ସଂଘର ସଭାପତି ବିରଞ୍ଚି ନାରାୟଣ ପାଣି, ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ରାକେଶ କୁମାର ବେହେରା, ଷ୍ଟାଫ୍ ନର୍ସ ମାଳତିଲତା ନାୟକ, ତପନ ଜେନ, ଅଜୟ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଶିରିଡିରେ ସାଇ ସତ୍‌ସଙ୍ଗ ପକ୍ଷରୁ ପାଲିଙ୍କି ଶୋଭାଯାତ୍ରା

ଢେଙ୍କାନାଳ ଅଫିସ,୯।୨

ମହାରାଷ୍ଟ୍ରର ଶିରିଡିରେ ଢେଙ୍କାନାଳର ସାଇ ସତସଙ୍ଗ ଅନୁଷ୍ଠାନ ପକ୍ଷରୁ ଶନିବାର ସକାଳ ୮ଟାରେ ସାଇ ବାବାଙ୍କର ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଖଣ୍ଡୋବା ମନ୍ଦିରରୁ ବାହାରି ଏହି ଶୋଭାଯାତ୍ରା ଶିରିଡି ଗ୍ରାମ ପରିକ୍ରମା କରି ମଧ୍ୟାହ୍ନ ୧୨ଟାରେ ସାଇ ସଂସ୍ଥାନ ମଣ୍ଡପଠାରେ ପହଞ୍ଚିଥିଲା। ଏଥିରେ ସତ୍‌ସଙ୍ଗ ଅନୁଷ୍ଠାନର ୧୩୨ ଜଣ ସଦସ୍ୟ ଯୋଗ ଦେଇଥିଲେ । ଘଣ୍ଟ, ଶଙ୍ଖ, ମୃଦଙ୍ଗ ସହିତ ମହାରାଷ୍ଟ୍ରର ପ୍ରସିଦ୍ଧ ଚାଙ୍ଗୁଡି ବାଜା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ସାଇ ବାବାଙ୍କ ଜୟ ଜୟକାର ଧ୍ୱନୀରେ ଶିରିଡି ଗ୍ରାମ ପ୍ରକମ୍ପିତ ହୋଇଥିଲା । ସନ୍ଧ୍ୟାରେ ସାଇବାବାଙ୍କ ସମାଧି ମନ୍ଦିର ସମ୍ମୁଖରେ ଥିବା ମୁଖଦର୍ଶନ ମଣ୍ଡପରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଇ ସଂସ୍ଥାନ ପକ୍ଷରୁ ସତ୍‌ସଙ୍ଗ ଅନୁଷ୍ଠାନର ସଦସ୍ୟମାନଙ୍କୁ ବିଭୂତି, ପ୍ରସାଦ ବଣ୍ଟନ କରାଯାଇଥିଲା ବୋଲି ଭକ୍ତ ଶିବ ପ୍ରସାଦ ପଣ୍ଡା ଜଣାଇଛନ୍ତି ।



ଶିରିଡିରେ ଢେଙ୍କାନାଳ ସାଇ ସତ୍‌ସଙ୍ଗ ପକ୍ଷରୁ ଆୟୋଜିତ ପାଲିଙ୍କି ଶୋଭାଯାତ୍ରା।

## କୂଅରେ ପଡ଼ି ଶିଶୁ ମୃତ

ବଇଣ୍ଠା,୯।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଲେଇପଥର ଗ୍ରାମର ଏକ ଖୋଲା କୂଅରେ ରବିବାର ସେହି ଗ୍ରାମର ଗୋକୁଳାଚନ୍ଦ୍ର ନାୟକଙ୍କ ଶିଶୁପୁତ୍ର ଚିତ୍ତରଞ୍ଜନ ନାୟକ ଖସିପଡ଼ି ପ୍ରାଣ ହରାଇଛନ୍ତି। ଚିତ୍ତରଞ୍ଜନ କୂଅ ନିକଟରେ ଖେଳୁଥିବାବେଳେ ଅନ୍ୟମନସ୍କ ହୋଇ କୂଅରେ ଖସିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ୪ ହଜାର ଟଙ୍କା ଜରିମାନା ଆଦାୟ

ବଇଣ୍ଠା,୯।୨(ଡି.ଏନ.ଏ.)

୫୫ ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ଜାମୁନାଳୀ ନିକଟରେ ହଣ୍ଡପା ପୋଲିସ ପକ୍ଷରୁ ରବିବାର ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଥାନା ଏଏସ୍‌ଆଇ କୁନି ବାରିକ, ରୁଦ୍ରଚରଣ ବିଶ୍ୱାଳ ପ୍ରମୁଖ ଯାଞ୍ଚ କରିଥିଲେ।

# 'ହୃଦୟସ୍ପର୍ଶୀ ସାହିତ୍ୟ କାଳଜୟୀ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଢେଙ୍କାନାଳ ଅଫିସ,୯।୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୋଟମ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ବିଶ୍ୱ ଓଡ଼ିଶା ଓ ଛନ୍ଦେଶ ସାହିତ୍ୟ ସଂସଦ ସହଯୋଗରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଣ୍ଡିତ ମନୋରଞ୍ଜନ ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ । ସାହିତ୍ୟ ହୃଦୟକୁ ସ୍ପର୍ଶ କଲେ କାଳଜୟୀ ହୋଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳର କଥା ଓ ଗାଥାକୁ ନେଇ ନିଚ୍ଛକ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପିକା ଡ. ପୁଷ୍ପଲତା ରଥ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ଛନ୍ଦେଶ ସାହିତ୍ୟ ସଂସଦର ସଭାପତି ନୀଳମଣି ମହାରଣା ଯୋଗଦେଇ ସାହିତ୍ୟ ସାମାଜିକ ଅଙ୍ଗୀକାର ବଦ୍ଧତାକୁ ଗ୍ରହଣ କଲେ ପାଠକ ଦ୍ୱାରା ଆଦୃତ ହେବା ସହ ସାର୍ବଜନୀନ ହୋଇ ଗଣ ସାହିତ୍ୟରେ ପରିଣତ ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ରେଣୁବାଳା ସ୍ମୃତି ସଂସଦର ସଭାନେତ୍ରୀ ସଞ୍ଜୁକ୍ତା ମିଶ୍ର ଓ ଅନ୍ୟତମ ବକ୍ତାଭାବେ ଧନଞ୍ଜୟ ଧଳ ଯୋଗଦେଇଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ବସନ୍ତ କୁମାର ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଦେବୀ ପ୍ରସାଦ ମିଶ୍ର, ବିଶ୍ୱ ଓଡ଼ିଶାର ସଭାପତି ବାହାଦୂର ପାଟସାହାଣୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଶ୍ୱ ଓଡ଼ିଶାର ସମ୍ପାଦକ ମନୋଜ କୁମାର ସାହୁ ଅତିଥି ପରିଚୟ ଓ ଛନ୍ଦେଶ ସାହିତ୍ୟ ସଂସଦର ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟିକ ରବି ସିଂଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗତିକୃଷ୍ଣ ବିଶ୍ୱାଳ ଓ ପ୍ରକାଶ ଚନ୍ଦ୍ର ଜଗଦେବଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଇଶ୍ରୀ ସଙ୍ଗୀତା ପ୍ରିୟଦର୍ଶିନୀ, ବିନ୍ଦୁ ବେହେରା, ରବି ନାରାୟଣ ସାହୁ, ସୁନୀଲ କୁମାର ସ୍ୱାଇଁ, ଦୀପକ ରାଜ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ କାଳୀଚରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ପରେଶ ପଟ୍ଟନାୟକ ଓ ଦେବୀ ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ।

**ଆମ ଗାଁ, ଆମ ସାହିତ୍ୟ କାର୍ଯ୍ୟକ୍ରମ**

# ସୋସିଆଲ ମିଡିଆର ଉପଯୋଗ ଉପରେ ଆଲୋକପାତ

**ଢେଙ୍କାନାଳ କଲେଜରେ ଜାତୀୟସ୍ତରୀୟ ସେମିନାର**

ଢେଙ୍କାନାଳ ଅଫିସ,୯।୨

ଢେଙ୍କାନାଳ ସହରସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ଓ ଗଣିତ ବିଭାଗର ମିଳିତ ଆନୁକୂଲ୍ୟରେ ସୋସିଆଲ ମିଡିଆ ଏବଂ କମ୍ପ୍ୟୁଟିଂ ଶୀର୍ଷକ ଏକ ଜାତୀୟସ୍ତରୀୟ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ତଥା କିଟ୍ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ହୃଷୀକେଶ ମହାନ୍ତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସମିତ କୁମାର ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସିଦ୍ଧାର୍ଥ ସ୍ୱରୂପ ରାଉତରାୟ ଏବଂ ଡ. ମଞ୍ଜୁଶା ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୋସିଆଲ ମିଡିଆର ଉପକାରିତା ଓ ଅପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ଆଭ୍ୟନ୍ତରରେ ଥିବା ଗାଣିତିକ ମଡେଲ ଓ ଆଲଗୋରିଦିମ କିଭଳି ଭାବେ ଏହାକୁ କାର୍ଯ୍ୟକାରୀ କରାଏ ଏବଂ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ଉପରେ ନିଜର ମତ ଉପସ୍ଥାପନ କରିଥିଲେ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବରାଜ ପରିଡା ଏହି ଜାତୀୟ ସେମିନାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଡ. ସୁରେଖା ବଳିୟାରସିଂ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ନାୟକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପଟ୍ଟନାୟକ, ସସ୍ମିତା ପ୍ରଧାନ, ହିମାଂଶୁ ଶେଖର ସିଂହ, ଦେବାଶିଷ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ। ପ୍ରାଧ୍ୟାପକ ଡ. ସୁରେନ୍ଦ୍ରନାଥ ଷଡଙ୍ଗୀ, ଡ. ଦେବାଶିଷ ମହାନ୍ତି, ଡ. ନମିତା ଦାସ, ରଜନୀକାନ୍ତ ଖୁଣ୍ଟିଆ ଓ ଡ. ଭୂପେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଜାତୀୟସ୍ତରୀୟ ସେମିନାରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ବଦଳିଲା ପାଗ, ମାଘ ମେଳାରେ ଭିଡ଼


ମେଳା ଦେଖିବାକୁ ଦୂରଦୂରାନ୍ତରୁ ଆସିଥିବା ଲୋକମାନେ।

- ବିଶାଳ ସନ୍ଥ ସମ୍ମିଳନୀ
- ଉଠା ଦୋକାନୀ ଆଶ୍ୱସ୍ତ

ଢେଙ୍କାନାଳ ଅଫିସ,୯।୨

ଢେଙ୍କାନାଳ ଜିଲା ମହିମା ଧର୍ମ ପୀଠ ମହିମାଗାଦି ଯୋରନ୍ଦାରେ ବିଶ୍ୱ ପ୍ରସିଦ୍ଧ ମାଘ ମେଳାର ରବିବାର ଥିଲା ତୃତୀୟ ଦିବସ। ବର୍ଷାପାଗ ଯୋଗୁ ଶନିବାର ମେଳା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ଉଠା ଦୋକାନୀମାନଙ୍କର ବ୍ୟବସାୟ ଠପ୍ ହୋଇଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ଦୋକାନୀମାନେ ନିରାଶ ହୋଇଥିଲେ। ରବିବାର ସକାଳେ ମଧ୍ୟ ଝିପିଝିପି ବର୍ଷା ହେବା ଦେଖି ମେଳାକୁ ଆସିଥିବା ଯାତ୍ରୀ ଓ ଦୋକାନୀମାନେ ପୁଣି ନିରାଶ ହୋଇଥିଲେ। କିନ୍ତୁ ପରେ ପାଗ ବଦଳିବା ସହିତ ଖରା ପଡିବାରୁ ଭିଡ ଜମିଥିଲା। ଫଳରେ ଦୋକାନୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସନ୍ଧ୍ୟାରେ ମେଳାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଗାଦିମନ୍ଦିରରେ ଝାଡଦୀପ ପ୍ରଜ୍ୱଳିତ ହୋଇଥିଲା। ମାଘମେଳା ଅବସରରେ ଯୋରନ୍ଦାଠାରେ ଏକ ବିଶାଳ ସନ୍ଥ ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ସମସ୍ତ ସାଧୁସନ୍ଥ ଏକାଠି ହୋଇଥିଲେ। ରବିବାର ଛତିଶଗଡର ଜଗଦଲପୁର ସମେତ ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ଓଡ଼ିଶାର ସମ୍ବଲପୁର, ବରଗଡ ଓ ଦେବଗଡ ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମେଳା ବୁଲି ଦେଖିଥିଲେ ।


ତୃତୀୟ ଦିବସରେ ଗାଦିମନ୍ଦିରରେ ଝାଡଦୀପ ପ୍ରଜ୍ୱଳନ।

## ସଂକ୍ଷେପରେ

### ଲିଙ୍ଗିରାଯୋଡ଼ିରେ ନାମଯଜ୍ଞ



ଅନୁଗୋଳ ଅଫିସ୍, ୯।୨- ଅନୁଗୋଳ ସହର ଉପକଣ୍ଠରେ ଥିବା ଲିଙ୍ଗିରାଯୋଡ଼ି ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଏହି ନାମଯଜ୍ଞରେ ବିଭିନ୍ନ ଅଞ୍ଚଳରୁ ୧୧ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସଂକୀର୍ତ୍ତନ ମଣ୍ଡଳୀରେ ବହୁ ମହିଳା ସାମିଲ ହୋଇଥିଲେ। ଆଖପାଖ ଗ୍ରାମରୁ ବହୁ ଲୋକ ଯୋଗଦେଇଥିଲେ।

### ଚୋରି ଅଭିଯୁକ୍ତ କୋର୍ଟଚାଲାଣ

ଅନୁଗୋଳ ଅଫିସ୍, ୯।୨- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ବର୍ଷ ମୋବାଇଲ ଚୋରି କରିଥିବା ଅଭିଯୋଗରେ ନିଶା ଥାନା ଗୋଲାବନ୍ଧ ଗ୍ରାମର ଶରତ ବଳ(୪୮)ଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନୁଗୋଳ ମେଡିକାଲ ସର୍ଜରୀ ୱାର୍ଡ଼ରେ କୁଶାସିଂହାର ବରୁଣ ବେହେରା ଚିକିତ୍ସିତ ହେଉଥିବାବେଳେ ତାଙ୍କ ବେଡ୍‌ରେ ମୋବାଇଲ ରଖିଥିଲେ। ସେଠାରୁ ଶରତ ମୋବାଇଲ ଚୋରି କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୮୧୨/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ଅଗ୍ନିଷ୍ଠୋବକୁ ନେଇ ବାର୍ଷିକ ପର୍ବ ପାଳିତ

କଣିହାଁ,୯।୨(ଡି.ଏନ.ଏ.)- କଣିହାଁ ବ୍ଲକ ମସୁଣିହତା ଗ୍ରାମରେ ଅଗ୍ନିଷ୍ଠୋବକୁ ନେଇ ଗ୍ରାମର ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଶନିବାର ବିଧିମତେ ପୂଜା କମିଟି ସହ ସନ୍ଧ୍ୟାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ରବିବାର ସନ୍ଧ୍ୟାରେ ନାମସଂର୍କୀର୍ତ୍ତନ ସହିତ ଯାତ୍ରା ପଡ଼ିଆ କମ୍ପି ଉଠିଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୋମବାର ରାତିରେ ମଧ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡ଼ିଛି।

# ଧାନ କିଣାରେ ଅସୁବିଧା ନେଇ ଅସନ୍ତୋଷ

**ମଣ୍ଡି କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ**

ପାଲଲହଡ଼ା, ୯।୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଡିମିରିଆ ପଞ୍ଚାୟତର ଧାନମଣ୍ଡିରେ ଧାନ ବିକ୍ରିରେ ଅସୁବିଧା ଉପୁଜିବାକୁ ନେଇ ରବିବାର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ତେବେ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଗତ ମାସ ୫ ତାରିଖରେ ଡିମିରିଆ ସମବାୟ ସମିତି ଅଧୀନରେ ଚାଲିଥିବା ମଣ୍ଡିରେ ୧୬ ଜଣ ଚାଷୀ ୧୦୯୬ ବସ୍ତା (୫୩୭.୪୬ କୁଇଣ୍ଟାଲ) ଧାନ ବିକ୍ରି କରିଥିଲେ। କିନ୍ତୁ ବାୟୋମେଟ୍ରିକ ମେଶିନ କାମ ନ କରିବାରୁ ସୋସାଇଟି ସମ୍ପାଦକ ୬ ତାରିଖରେ ଧାନ କିଣାଯାଇଥିବା କମ୍ପ୍ୟୁଟରରେ ଦର୍ଶାଇଥିଲେ। ୬ ତାରିଖ ନିଜିଗଡ଼ ସୋସାଇଟିରୁ ଧାନ କିଣାଯିବାର ପାଳି ଥିବାବେଳେ ଦୁଇଟି ସୋସାଇଟିରୁ ଏକସଙ୍ଗେ ଗୋଟିଏ ଟ୍ରକ୍‌ରେ କିଭଳି ଭାବେ ଧାନ କିଣାଗଲା ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଫଳରେ ଡିମିରିଆ ସୋସାଇଟିର ୧୬ ହିତାଧିକାରୀ ଧାନ ବିକ୍ରିକରି ମଧ ଟଙ୍କା ପାଇ ନ ଥିଲେ। ଏହାକୁ ନେଇ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ସୋସାଇଟି ଗୋଦାମରେ ତାଲା ପକାଇ ଦେଇଥିଲେ। ଏଥିଯୋଗୁ ୫ ତାରିଖ ପରର ଟୋକାନଧାରୀମାନେ ଧାନ ବିକି ପାରି ନ ଥିଲେ। ସେହିପରି ଗତ ୨୪ ତାରିଖରେ ଆସିଥିବା ଟୋକାନଧାରୀମାନେ ଧାନ ବିକି ପାରି ନ ଥିଲେ। ଗତ ୮ ତାରିଖ ଶନିବାରରେ ସେମାନଙ୍କ ଧାନ କିଣାର ଶେଷ ତାରିଖ ଥିବାରୁ ଲଗାଣ ବର୍ଷା ଫଳରେ ମଣ୍ଡି ଖୋଲିବାରେ ଅସୁବିଧା ହୋଇଥିଲା ଏବଂ ଟୋକାନଗୁଡିକ ଅକାମି ହୋଇଯାଇଥିଲା। ଏହାଜାଣି ରବିବାର ଚାଷୀମାନେ ଆସି ସୋସାଇଟିରେ ହୋହଲ୍ଲା କରିଥିଲେ। ଖବରପାଇ ପାଲଲହଡା ଥାନା ଅଧିକାରୀ କିଶୋର କୁମାର ସାମଲ ପହଞ୍ଚି ସମବାୟ ସମିତି ସମ୍ପାଦକ ଏବଂ ଚାଷୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଓ ଧାନବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଏ ସମ୍ପର୍କରେ ସୋସାଇଟି ସମ୍ପାଦକ ଅନିଲ କୁମାର ପ୍ରଧାନ କହିଛନ୍ତି, କମ୍ପ୍ୟୁଟରରେ ଅସୁବିଧା ହେବାରୁ ଏବଂ ଚାଷୀମାନେ ସୋସାଇଟିରେ ତାଲା ପକାଇଦେବରୁ ଧାନ କିଣାରେ ଅସୁବିଧା ହୋଇଥିଲା। ଏବେ ସବୁ ସମସ୍ୟାର ସମାଧାନ ହୋଇଯାଇଥିବା ସମ୍ପାଦକ ପ୍ରକାଶ କରିଛନ୍ତି।



ଚାଷୀମାନଙ୍କୁ ଥାନା ଅଧିକାରୀ ବୁଝାଶୁଝା କରୁଛନ୍ତି।

# କ୍ରିତିକା ଡ୍ୟାନ୍ସ ଗ୍ୟାଲେରି ଉଦ୍‌ଘାଟିତ




ନୃତ୍ୟାନୁଷ୍ଠାନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନେ।

ଅନୁଗୋଳ ଅଫିସ୍, ୯।୨

ଅନୁଗୋଳର ସ୍ଥାନୀୟ ଏକ ହୋଟେଲରେ କ୍ରିତିକା ଡ୍ୟାନ୍ସ ଗ୍ୟାଲେରୀ ନୃତ୍ୟାନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନରୋତ୍ତମ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁରୁ ମୀନାକ୍ଷି ବେହେରା, ଚପଳା ମିଶ୍ର, ଗଜେନ୍ଦ୍ର ପଣ୍ଡା ଓ ସୁରେଶ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଅନୁଗୋଳରେ କ୍ରିତିକା ଡ୍ୟାନ୍ସ ଗ୍ୟାଲେରୀ ଭଳି ଅନୁଷ୍ଠାନର ଆବଶ୍ୟକ ରହିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଡ୍ୟାନ୍ସ ଗ୍ରୁପ ଓଡ଼ିଶାର ବିଶିଷ୍ଟ ଗୁରୁମାନଙ୍କୁ ନେଇ ଓଡ଼ିଶୀ, ସମ୍ବଲପୁରୀ, ସେମି କ୍ଲାସିକାଲ, ଲୋକ ନୃତ୍ୟ, ଆଧୁନିକ, ହିପ୍‌ହପ୍, ଜୁମ୍ବା ପ୍ରଭୃତି ନୃତ୍ୟ ଶୈଳୀ ଶିକ୍ଷାଦାନ କରାଯିବ। ଅନୁଗୋଳରୁ କଳାକାର ତିଆରି କରି ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିବାକୁ ଏପରି ଅନୁଷ୍ଠାନ କରାଯାଇଥିବା ମହାନ୍ତି ସୂଚନା ଦେଇଛନ୍ତି। ଶେଷରେ ଚିତ୍ରଶିଳ୍ପୀ ରବୀନ୍ଦ୍ର ନାଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସହରର କଳାକାର ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ‘ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ସତ୍‌ସଙ୍ଗ’




ଅନୁକୂଳଚନ୍ଦ୍ରଙ୍କ ଜନ୍ମମହୋତ୍ସବ।

ଅନୁଗୋଳ ଅଫିସ୍, ୯।୨

ଅନୁଗୋଳ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହାମହୋତ୍ସବ ପାଳିତ ହୋଇଯାଇଛି। ଏଥିସହ ଶ୍ରୀ ବଡ଼ ଦାଙ୍କ ଜନ୍ମ ମହାମହୋତ୍ସବ ଓ ଅନୁଗୋଳ ସତସଙ୍ଗ ଶ୍ରୀମନ୍ଦିରର ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ରବିବାର ପାଳନ କରାଯାଇଛି। ଠାକୁରଙ୍କ ନିତ୍ୟକର୍ମ ସରିବା ପରେ ମାଧବଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. ବିନୟ କୁମାର ନାଥ ଓ ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ସ୍ୱାଇଁ ଯୋଗଦେଇ କହିଲେ ଯେ, ଅନୁକୂଳ ଚନ୍ଦ୍ରଙ୍କ ନୀତି ଆଦର୍ଶ ଅନୁସରଣ କରିବା ଦ୍ୱାରା ମଣିଷର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଜୀବନ ଶୃଙ୍ଖଳିତ ହୋଇଥାଏ। ତାଙ୍କ ସାନିଧ୍ୟ ଦ୍ୱାରା ଅସଜଡ଼ା ମଣିଷ ସଜାଡ଼ି ହୋଇଥାନ୍ତି। ଆଜିର ମଣିଷ ସମାଜ ପାଇଁ ସତ୍‌ସଙ୍ଗର ଆବଶ୍ୟକତା ଜରୁରୀ ହୋଇପଡ଼ିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସୁଲୋଚନା ସାମଲଙ୍କ ଅଧକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିମାଁଇ ଚରଣ ବେହେରା, ତାରାକାନ୍ତ ବେହେରା, ଅଶୋକ ଗଡ଼ନାୟକ, ନାରାୟଣ ବେହେରା, ପିତାମ୍ବର ସାମଲ, ଭୋଳେଶ୍ୱର ପ୍ରଧାନ, ବିଜୟ ଚୌଧୁରୀ, ଚନ୍ଦ୍ରଶେଖର ନନ୍ଦି, ସୁରେଶ ଚନ୍ଦ୍ର ତ୍ରିପାଠୀ, ଦୁଃଶାସନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ସାଧୁସଜ୍ଜନ ଯୋଗଦାନ କରି ବିଭୂକୃପା ଲାଭ କରିଥିଲେ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ଭୁବନ,୯।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ପାଟବେଡା ଗ୍ରାମରେ ରବିବାର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ କେନ୍ଦୁଝର ଜିଲା ପାଟଖଳି ଗ୍ରାମର ରମେଶ ମୁଣ୍ଡାଙ୍କ ମୃତ୍ୟୁ ହୋଇଛି। ରମେଶ ଟ୍ରାକ୍ଟର ଯୋଗେ ଚାଷ କରିବାକୁ ନିଜ ଗ୍ରାମରୁ ପାଟବେଡା ଅଭିମୁଖେ ଆସୁଥିବାବେଳେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରେନ୍ ଲାଇନରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଞ୍ଚିଗଲେ**

ଅନୁଗୋଳ ଅଫିସ୍, ୯।୨

ଅନୁଗୋଳ ରେଳ ଷ୍ଟେଶନ୍‌ରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଟ୍ରେନ ଲାଇନରେ ମୁଣ୍ଡ ଦେଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକଙ୍କ ଜୀବନ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଞ୍ଚିଯାଇଛି। ଯୁବକ ଜଣକ ବଲାଙ୍ଗୀର ଜିଲା ଲୋଇସିଙ୍ଗା ଥାନା ଅଞ୍ଚଳର ବୋଲି ରେଳବାଇ ପୋଲିସ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟାରେ ସମ୍ପୃକ୍ତ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୯ଟା ୧୫ରେ ଅନୁଗୋଳ ରେଳ ଷ୍ଟେଶନ୍‌ରେ ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ(୧୨୮୯୩) ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ୨ ନମ୍ବର ପ୍ଲାଟଫର୍ମରେ ଆସୁଥିଲା। ଟ୍ରେନ୍‌ଟି ପ୍ଲାଟଫର୍ମରେ ପ୍ରବେଶ କରିବା ସମୟରେ ହଠାତ୍ ଯୁବକ ଜଣକ ୧ ନମ୍ବର ପ୍ଲାଟଫର୍ମରୁ ଦୌଡ଼ିଯାଇ ଟ୍ରେନ୍ ଆସୁଥିବା ଟ୍ରାକ୍‌ରେ ମୁଣ୍ଡ ରଖି ଶୋଇଯାଇଥିଲେ। ଏହି ସମୟରେ ଆରପିଏଫ କନଷ୍ଟେବଳ ମଙ୍ଗେଜ୍ ସିଂ ତାଙ୍କ ଆଡ଼କୁ ଧାଇଁ ଥିଲେ। ତାଙ୍କ ପାଟି ଶୁଣି ଆରପିଏଫ ଏଏସ୍‌ଆଇ ଚୈତନ୍ୟ ପ୍ରସାଦ ବାଗ୍ ଏବଂ ୨ ନମ୍ବର ପ୍ଲାଟଫର୍ମରେ ଥିବା ଅନୁଗୋଳ ମୋହନପଡ଼ାର ଦିନେଶ ଅଗ୍ରୱାଲ ପ୍ଲାଟଫର୍ମକୁ ଓହ୍ଲାଇ ପଡ଼ିଥିଲେ। ଏପରି ଦୃଶ୍ୟ ଦେଖି ଓ ପାଟି ଶୁଣି ଟ୍ରେନ୍ ଚାଳକ ଗାଡ଼ିର ଗତିକୁ ଧିମା କରିବା ସହ ଉପସ୍ଥିତ ବୁଦ୍ଧି ଖଟାଇ ଯୁବକ ଶୋଇଥିବା ସ୍ଥାନଠାରୁ ୧ ମିଟର ଦୂରରେ ଟ୍ରେନ୍‌କୁ ଛିଡ଼ା କରାଇଥିଲେ। ପରେ ଆରପିଏଫ କର୍ମଚାରୀମାନେ ଯୁବକଙ୍କୁ ପଚରା ଉଚରା କରିଥିଲେ। ଶନିବାର ଘରେ ଝଗଡ଼ା ହେବାରୁ ସେ ବଲାଙ୍ଗୀରରୁ ବସ୍‌ରେ ବସି ଅନୁଗୋଳରେ ଓହ୍ଲାଇଥିଲେ। ରବିବାର ଅନୁଗୋଳରୁ ଭୁବନେଶ୍ୱର ଯିବା ପାଇଁ ଟିକେଟ୍ ମଧ କାଟିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି।

# ଗରିବ ମେଧାବୀଙ୍କୁ ତାଲିମ ସହ ନିଯୁକ୍ତି ଦିଆଯିବ

ଆରଡ଼ି,୯।୨ (ଡି.ଏନ.ଏ.)

ଧାମନଗର ବ୍ଲକ ସାହୁସାହି ବିଦ୍ୟାଳୟ ପରିସରରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୫ଟି ବିଦ୍ୟାଳୟର ଶିକ୍ଷକ ଓ ସେଞ୍ଚୁରିଆନ ୟୁନିଭରସିଟିର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଯେଉଁ ଗରିବ ମେଧାବୀ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡୁଛନ୍ତି, ସେମାନଙ୍କୁ ଯୋଗ୍ୟତା ଅନୁସାରେ ବିନା ମୂଲ୍ୟରେ ତାଲିମ ଦିଆଯିବା ସହ ନିଯୁକ୍ତି ପ୍ରଦାନ କରାଯିବ ବୋଲି ୟୁନିଭରସିଟି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସେମାନେ ପ୍ରୋଜେକ୍ଟ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଅସହାୟମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ଏହି ଅନୁଷ୍ଠାନ ତତ୍ପର ବୋଲି କହିଥିଲେ। ଏଥିସହିତ ଏହି ୟୁନିଭରସିଟିରେ ସମସ୍ତ ପ୍ରକାର ଶିକ୍ଷା ଦେବା ସହ ଉତ୍ତମ ଛାତ୍ରୀଛାତ୍ର ସୃଷ୍ଟି ହୁଅନ୍ତି ବୋଲି ସେମାନେ କହିଥିଲେ।

# ବାଲିମି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ସାତମାଇଲ,୯।୨(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ପଞ୍ଚାୟତ ବାଲିମି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଶନିବାର ଗ୍ରାମ ପୋଖରୀରୁ କଳସରେ ପାଣି ଅଣାଯାଇ ଗ୍ରାମ ପରିକ୍ରମା ପରେ ଭଗବତ ଘରଠାରେ କଳସ ସ୍ଥାପନ ହୋଇଥିଲା। ଆଖପାଖ ଗ୍ରାମର ୩୦ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରି ଅହୋରାତ୍ର ସଂକୀର୍ତ୍ତନ ପରିବେଷଣ କରିଥିଲେ। କର୍ତ୍ତା ଭାବେ ହର୍ଷଚନ୍ଦ୍ର ଜେନାମଣି, ପୂଜକ ଭାବେ ଦୁର୍ଗାଚରଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ବାଲିମି ଗ୍ରାମବାସୀ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ନାମଯଜ୍ଞରେ ସାମିଲ ହୋଇ ବିଭୂକୃପା ଲାଭ କରିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ।

# ଅନୁଗୋଳରେ ହେବ ଇଣ୍ଟର କ୍ଲବ ଟୁର୍ନାମେଣ୍ଟ

**ଏଡିସିଏର ଏକ୍‌ଜିକ୍ୟୁଟିଭ ବଡି ବୈଠକ**

ଅନୁଗୋଳ ଅଫିସ୍, ୯।୨

ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏଶନ୍ (ଏଡିସିଏ)ର ଏକ୍‌ଜିକ୍ୟୁଟିଭ ବଡି ବୈଠକ ରବିବାର ସ୍ଥାନୀୟ କଦମ ପଡ଼ିଆରେ ଅକ୍ଷୟ କୁମାର ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏଶନର ସାଧାରଣ ପରିଷଦ ବୈଠକ ହେବା ନେଇ ଆଲୋଚନା ହୋଇଥିଲା। ସେହିପରି ଜିଲାରେ ଥିବା କ୍ଲବଗୁଡ଼ିକୁ ନେଇ ଇଣ୍ଟର କ୍ଲବ ଟୁର୍ନାମେଣ୍ଟ ଆୟୋଜନ ଏଡିସିଏ କରିବ। ଏ ନେଇ ଗତ ୫ ରୁ ୧୦ ତାରିଖ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବର୍ଷା କାରଣରୁ ତାହାକୁ ଆହୁରି ୨ରୁ ୩ଦିନ ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି କ୍ରିକେଟ୍ ଆସୋସିଏଶନ୍‌ର ଭିତିରି କଥା କିପରି ଗଣମାଧ୍ୟମକୁ ଲିକ୍ ହେଉଛି ଓ ଏଡିସିଏ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ସରିଥିଲେ ମଧ କାହିଁକି ସାମନ୍ତ ଅଧକ୍ଷତା କଲେ ସେ ନେଇ ମଧ ବୈଠକରେ ଅନେକେ ଆଲୋଚନା କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, କଦମ ପଡ଼ିଆସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ଆରମ୍ଭରୁ କିଏ ଏଡିସିଏର ଭିତିରି କଥା ଗଣମାଧ୍ୟକୁ କହୁଛି ତାହାକୁ ନେଇ ଆଲୋଚନା ହୋଇଥିଲା। ଏଥିସହ ଆସନ୍ତା ୨୩ ତାରିଖରେ ଏଡିସିଏ ସାଧାରଣ ପରିଷଦ ବୈଠକ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ସେହିପରି ନୂତନ କର୍ମକର୍ତ୍ତା ଚୟନ କି ମତଦାନ କରି ବଛାଯିବ ସେ ନେଇ ମଧ ଆଲୋଚନା କରାଯାଇଥିଲା। ଜିଲାରେ ଥିବା ବିଭିନ୍ନ କ୍ରିକେଟ କ୍ଲବଗୁଡ଼ିକ ନାମ ପଞ୍ଜୀକରଣ କରୁଥିବାରୁ ଗତ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ନାମ ପଞ୍ଜୀକରଣ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା ବେଳେ ଲଗାଣ ବର୍ଷା କାରଣରୁ ଏହାକୁ ଦୁଇରୁ ତିନି ଦିନ ବଢ଼ାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ୍(ଓସିଏ)ରୁ ଜଣେ କର୍ମଚାରୀ ଆସି ଅନ୍‌ଲାଇନ୍‌ରେ କ୍ଲବ ଗୁଡ଼ିକର ନାମ ପଞ୍ଜୀକରଣ କରୁଥିବା ବୈଠକରୁ ସୂଚନା ମିଳିଛି। ଯେଉଁ କ୍ଲବର ପିଲା ଉନ୍ନତ ପ୍ରଦର୍ଶନ କରିବେ ସେମାନଙ୍କୁ ଓସିଏ ପକ୍ଷରୁ ହେଉଥିବା ଶିବିରରେ ଯୋଗ ଦେବାକୁ ଡାକରା ଆସିବ ବୋଲି କୁହାଯାଇଥିଲା। ଏହି ବୈଠକରେ ୧୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୧ ଜଣ ଯୋଗଦେଇଥିଲେ। ସଭାପତି ସାମନ୍ତଙ୍କ ସହ ସମ୍ପାଦକ ପ୍ରଶାନ୍ତ ସିହ୍ନା, କୋଷାଧକ୍ଷ ଅକ୍ଷୟ ଦାସ, ରଞ୍ଜନ ଧୀର ସାମନ୍ତ, ମାୟାଧର ମିଶ୍ର, ଅରୁଣ ପୁଷପାଳକ, ପ୍ରଭାତ ସିହ୍ନା, ବୀରେନ୍ ସାମଲ, ଜଗଦୀଶ ସିଂହଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ବୈଠକ ସମ୍ପର୍କରେ ଏଡିସିଏ ସଭାପତି ସାମନ୍ତ କହିଛନ୍ତି, କ୍ରିକେଟ୍‌କୁ ନେଇ ହୀନ ରାଜନୀତି କରାଯାଉଛି। ଉନ୍ନତି ପାଇଁ କେହି ଚିନ୍ତା କରୁନାହାନ୍ତି। ତେଣୁ ସମସ୍ୟା ହେଉଛି। ବିଭିନ୍ନ ସମୟରେ ଗଣମାଧ୍ୟମରେ ଭୁଲ ତଥ୍ୟ ପ୍ରଦାନ କରାଯାଉଥିବାରୁ ଏହାକୁ ବୈଠକରେ ବାରଣ କରାଯାଇଛି। ଖୁବ୍‌ଶୀଘ୍ର ଏକ ଖବରଦାତା ସମ୍ମିଳନୀ ଡକାଯାଇ ଏହାର ସ୍ପଷ୍ଟୀକରଣ ଦିଆଯିବ ବୋଲି ସେ କହିଛନ୍ତି। ନୂଆ କମିଟି ଗଠନ ହୋଇ ନ ଥିବାରୁ ସେ ବୈଠକରେ ଅଧକ୍ଷତା କରିଥିବା ସାମନ୍ତ କହିଛନ୍ତି। ତେବେ ଜେନେରାଲ ବଡି ବୈଠକରେ ନିର୍ବାଚନ ତାରଖ ସ୍ପଷ୍ଟ କରାଯିବ ବୋଲି ସଭାପତି ସାମନ୍ତ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(iii) ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସେନାର ଅକ୍ତିଆରକୁ ଆସିଲା। ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ଏବଂ ହାଇଦ୍ରାବାଦ୍ ଭାରତରେ ମିଶିଗଲା।

**କିମ୍ବା,** (i) ୧୯୩୭ ମସିହା ଜୁଲାଇ ୨୮ ତାରିଖରେ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ବସିଥିଲା।

(ii) ଏହା ରେଭେନ୍‌ସା କଲେଜ୍ ହଲ୍‌ରେ ବସିଥିଲା।

(iii) ଏହି ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ବାଚସ୍ପତି ଓ ନନ୍ଦକିଶୋର ଦାସ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ।

(ଗ) (i) ନୂତନ ରାଜ୍ୟ ବା ପ୍ରଦେଶ ଗଠନ ଦାବିର ସମାଧାନ ଉଦ୍ଦେଶ୍ୟରେ ‘ରାଜ୍ୟ ପୁନର୍ଗଠନ ଆୟୋଗ’ ଗଠିତ ହେଲା।

(ii) ୧୯୫୬ ମସିହାରେ ଏହା ଗଠିତ ହେଲା।

(iii) ଏଥିରେ ତିନିଜଣ ସଦସ୍ୟ ଥିଲେ।

**କିମ୍ବା,** (i) ଭାରତର ନିର୍ବାଚନ ଆୟୋଗ ଭାରତରେ ନିର୍ବାଚନ ପରିଚାଳନା କରନ୍ତି।

(ii) ଏହା ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟ, ରାଷ୍ଟ୍ରପତି ଓ ଉପରାଷ୍ଟ୍ର ପଦ ପାଇଁ ନିର୍ବାଚନ ପରିଚାଳନା କରନ୍ତି।

(iii) ଏହା ନିର୍ବାଚନ କାର୍ଯ୍ୟକୁ ମଧ ନିୟନ୍ତ୍ରଣ କରିଥାନ୍ତି।

୧୬. (କ)(i) ରାଓଲାଟ୍ ଆଇନରେ ବ୍ୟବସ୍ଥା ଥିଲା ଯେକୌଣସି ଭାରତୀୟଙ୍କୁ ଗିରଫ କରି ବିନା ବିଚାରରେ କାରାଦଣ୍ଡ ଦିଆଯାଇ ପାରିବ।

(ii) ଏହି ଆଇନ୍ ୧୯୧୯ ମାର୍ଚ୍ଚ ୧୮ ତାରିଖରେ ଗୃହୀତ ହୋଇଥିଲା।

**କିମ୍ବା,** (i) ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଭାରତର ବିସ୍‌ମାର୍କ କୁହାଯାଏ।

(ii) ତାଙ୍କର କୂଟନୈତିକ ପାରଦର୍ଶିତା ଓ ରାଜନୀତିକ ବିଚକ୍ଷଣତା ବଳରେ ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ କରାଇ ଭାରତର ଏକତା ସୁଦୃଢ଼ କରାଇଥିବାରୁ ତାଙ୍କୁ ଏପରି କୁହାଯାଏ।

(ଖ) (i) ଭାରତର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ୍ ଆଜାଦ୍ ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ।

(ii) ୧୯୫୧ ମସିହା ଅଗଷ୍ଟ ୧୮ ତାରିଖରେ ସେ ଏହାର ଶୁଭାରମ୍ଭ କରିଥିଲେ।

**କିମ୍ବା,** (i) ଆଦିବାସୀ ଓ ଦଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାର ଛାତ୍ରବୃତ୍ତି ପ୍ରଦାନ, ସ୍କୁଲ ଓ କଲେଜର ଦରମାଛାଡ଼, ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରିଛନ୍ତି।

(ii) ମାଗଣା ପ୍ରାଥମିକ ଶିକ୍ଷା ବ୍ୟାପକ କରିବାପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଶହଶହ ପ୍ରାଥମିକ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ସେବାଶ୍ରମ ଓ ଆବାସିକ ବିଦ୍ୟାଳୟମାନ ଖୋଲାଯାଇଛି।

(ଗ) (i) ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସ୍‌ଲିମ୍ ନୱାବ ପାକିସ୍ଥାନ ସହିତ ଯୋଗଦେବା ଇଚ୍ଛା ପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ।

(ii) ସେଠାରେ ଅନୁଷ୍ଠିତ ଗଣଭୋଟ ନୱାବଙ୍କ ସପକ୍ଷରେ ଯାଇ ନଥିବାରୁ ସେ ନିଜର ପରିବାର ସହ ପାକିସ୍ଥାନ ପଳାୟନ କଲେ ଓ ଜୁନାଗଡ଼ ଭାରତରେ ମିଶିଗଲା।

**କିମ୍ବା,** (i) ନିଜର ସହଯୋଗୀମାନଙ୍କ ସହିତ ରାଜନୀତିକ ମତଭେଦ ହେବାରୁ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।

(ii) ୧୯୪୪ ମସିହା ଜୁନ୍ ୨୯ ତାରିଖରେ ସେ ଇସ୍ତଫା ଦେଇଥିଲେ।

(ଘ) (i) ଆମଦେଶରେ ଲୋକସଭା ସଦସ୍ୟ, ବିଧାନସଭା ସଦସ୍ୟ ଓ ସ୍ୱାୟତ୍ତ ଶାସନ ସଂସ୍ଥାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

(ii) ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ ଏବଂ ବିଧାନପରିଷଦର ସଦସ୍ୟମାନେ ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

**କିମ୍ବା,** (i) କ୍ୟାବିନେଟ୍ ମିଶନର ପ୍ରସ୍ତାବ ଅନୁଯାୟୀ ଭାରତରେ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା।

(ii) ଏହାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ବସିଥିଲା।

## ସଂକ୍ଷେପରେ

### ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ବାସୁଦେବପୁର,୯।୨(ଡି.ଏନ.ଏ.) ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୁଡ଼ାମଣି ଗ୍ରାମର ରାଜେଶ ରଣା ନାମକ ଜଣେ କଲେଜ ଛାତ୍ରଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ରାଜେଶ ହେଉଛନ୍ତି ଗ୍ରାମର ବାବୁଲା ରଣାଙ୍କ ପୁତ୍ର। ରାଜେଶ ଭଦ୍ରକ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ର ଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ରାଜେଶ ସକାଳ ପ୍ରାୟ ୭ଟା ବେଳେ ଗାଁ ନିକଟସ୍ଥ ଗୋଟିଏ ସାହିକୁ ଟ୍ୟୁଶନ କରିବାକୁ ଯାଇଥିଲେ। ପୂର୍ବାହ୍ନରେ ନଖପୋଲ ନିକଟସ୍ଥ ବିଲରେ ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାଜେଶଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

### ପମ୍ପ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

ସଜନାଗଡ଼,୯।୨(ଡି.ଏନ.ଏ.) ନୀଳଗିରି ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଗ୍ରାମର ପମ୍ପ ହାଉସ ଡ୍ରାଇଭର ପ୍ରତାପଚନ୍ଦ୍ର ପତିଙ୍କୁ ପାଣି ପମ୍ପ ଚଳାଇବାକୁ କେନ୍ଦ୍ର କରି ପମ୍ପହାଉସର ସମ୍ପାଦକ ଖଗେନ୍ଦ୍ର ବେହେରା ମରଣାନ୍ତକ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଖଗେନ୍ଦ୍ର ତାଙ୍କୁ ଛାଡ଼ି ପଳାଇଯାଇଥିଲେ। ଏ ନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୪୮/୨୦) ରୁଜୁ ହୋଇଛି। ପୋଲିସ ଖଗେନ୍ଦ୍ର ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

### ମୃତ୍ୟୁକୁ ୧୬ ମାସ ବିତିଲା, ମିଳୁନି ସହାୟତା ରାଶି

ହାଟଡିହୀ,୯।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡୋ ପଞ୍ଚାୟତ ପୋଡାସିଙ୍ଗିଡି ଗ୍ରାମର ମୂରଲୀଧର ଯେନାଙ୍କ ପୁଅ ସଞ୍ଜୟ(୩୦ ବର୍ଷ) ୨୦୧୮ ମସିହା ଅକ୍ଟୋବର ୨୩ ତାରିଖରେ ପନ୍ଦାଡୋ ନିକଟ ବୈତରଣୀ ବ୍ରିଜ କେନାଲରେ ବୁଡି ପ୍ରାଣ ହରାଇ ଥିଲେ। ମୃତକଙ୍କ ପରିବାର ସରକାରୀ ଆର୍ଥିକ ସହାୟତା ପାଇଁ ହାଟଡିହୀ ତହସିଲଦାର ଓ ଆନନ୍ଦପୁର ଉପଜିଲାପାଳ ଅଫିସକୁ ଯାଇ ବହୁବର ନିବେଦନ କରିଥିଲେ। କିନ୍ତୁ ମୃତ୍ୟୁକୁ ୧୬ ମାସ ବିତିସାରି ଥିଲେ ବି ଜିଲା ପ୍ରଶାସନ ତରଫରୁ ମୃତକଙ୍କ ପରିବାରକୁ କୌଣସି ସହାୟତା ରାଶି ମିଳି ନାହିଁ। ଏ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ମୁଖ୍ୟମନ୍ତ୍ରୀ, ବିପର୍ଯ୍ୟୟ ପ୍ରଶମନ ବିଭାଗ ସଚିବ,ଏସଆରସି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ସଚିବ ପ୍ରଦୀପ ଜେନା ଆର୍ଥିକ ସହାୟତା ପ୍ରଦାନରେ ବିଳମ୍ବତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ତୁରନ୍ତ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲା ପ୍ରଶାସନକୁ କହିଛନ୍ତି। ସରକାରୀ ଆର୍ଥିକ ସହାୟତା ମଞ୍ଜୁର ଓ ପ୍ରଦାନ ପାଇଁ ଜିଲା ପ୍ରଶାସନ ଖୁବ ଶୀଘ୍ର ପଦକ୍ଷେପ ନେଉଥିବା ସୂଚନା ଦିଆଯାଇଛି।

### ପ୍ରଧାନ ଶିକ୍ଷକ ନିଲମ୍ବନ ଘଟଣା ନେଇ ବଢୁଛି ବିବାଦ

ହାଟଡିହୀ,୯।୨(ଡି.ଏନ୍.ଏ.) କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଦଲକି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତବାସ ପ୍ରଧାନଙ୍କୁ ଚଳିତ ମାସ ୪ ତାରିଖରେ ହାଟଡିହୀ ବିଇଓ କ୍ଷୀରୋଦ କୁମାର ତ୍ରିପାଠି ନିଲମ୍ବିତ କରିଥିଲେ। ପରେ କେତେକ ଲୋକ ନିଲମ୍ବନ ପ୍ରତ୍ୟାହାର ଦାବିରେ ଦୁଇ ଦିନ ହେବ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ପାଠପଢାରେ ବାଧା ସୃଷ୍ଟି ହୋଇଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଯାଇ ନ ପାରି ଫେରୁଛନ୍ତି। ଫଳରେ ଦିନକୁ ଦିନ ବିବାଦ ବଢୁଛି। ବିଇଓ ତ୍ରିପାଠୀ କହିଛନ୍ତି ଯେ, ନିଲମ୍ବିତ ପ୍ରଧାନ ଶିକ୍ଷକ ଲୋକଙ୍କୁ ପ୍ରଭାବିତ କରାଇ ବିଦ୍ୟାଳୟରେ ତାଲାପକାଉଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧାରଣା ଭଳି ପଦକ୍ଷେପ ନିଆଯାଉଛି। ଖୁବ ଶୀଘ୍ର ଶେଷରେ ବାଧ ହୋଇ ସ୍ଥାନୀୟ ଥାନାରେ ଅଭିଯୋଗ କରାଯିବ। ଏସମ୍ପର୍କରେ ପ୍ରଧାନ ଶିକ୍ଷକ କହିଛନ୍ତି ଯେ, ମୁଁ ସେପରି କୌଣସି କାର୍ଯ୍ୟ କରିନାହିଁ।

# ଛାତ୍ରୀ ଆତ୍ମହତ୍ୟା ମାମଲା: ମେସ୍ ମାଲିକ ଗିରଫ

ଭଦ୍ରକ ଅଫିସ/ବାସୁଦେବପୁର, ୯।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ବାସୁଦେବପୁର ଥାନା ପୋଲିସ ନିଜ ଆଡୁ ଦଫା ଆଇଟି ଆକ୍ଟ, ୨୦୦୦-୬୬(ଇ), ୧୨୦(ବି), ୩୫୪(ବି), ୫୦୦ରେ ମାମଲା(ନଂ.୨୯/୨୦) ରୁଜୁ କରିଛି। ସମ୍ପୃକ୍ତ ଛାତ୍ରୀ ରହୁଥିବା ମେସ୍ ପ୍ରିନ୍ସେସ କଟେଜର ମାଲିକ ପ୍ରତାପ ଡାଙ୍ଗୁଆଙ୍କୁ ରବିବାର ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଗିରଫ ପ୍ରତାପଙ୍କ ଘର ବାସୁଦେବପୁର ପୌରପାଳିକାର ବାଲିନଗର ଗ୍ରାମରେ ବୋଲି ଜଣାପଡ଼ିଛି।



ଗିରଫ ମେସ୍ ମାଲିକ ପ୍ରତାପ ଡାଙ୍ଗୁଆ।

ଛାତ୍ରୀଙ୍କ ମୃତ୍ୟୁ ପରେ ମେସ୍ ମାଲିକ ପ୍ରତାପଙ୍କ ସହ ତାଙ୍କର ଏକ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଅନୁଷ୍ଠାନ ଭଦ୍ରକ ଏସ୍‌ପି ଓ ବାଲେଶ୍ୱର ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ରାତିରେ ଭଦ୍ରକ ଏସ୍‌ଡିପିଓ ସୁନୀଲ କୁମାର ନନ୍ଦ ଓ ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ଉକ୍ତ ମେସ୍‌କୁ ଯାଇ ତଦନ୍ତ କରିବା ସହ ଅନ୍ତେବାସୀଙ୍କଠାରୁ ବିଭିନ୍ନ କଥା ପଚାରି ବୁଝିଥିଲେ। ସେହିପରି ପୋଲିସ ମୃତା ଛାତ୍ରୀଙ୍କ ଘରକୁ ମଧ୍ୟ ଯାଇ ପଚରାଉଚରା କରିଥିଲା। ଶନିବାର ଏସ୍‌ଡିପିଓ ନନ୍ଦ ମେସ୍ ମାଲିକ ପ୍ରତାପଙ୍କୁ ବାସୁଦେବପୁର ଥାନାକୁ ଆଣି ପଚରାଉଚରା କରିବା ପରେ ରବିବାର ଗିରଫ କରାଯାଇଛି। ପ୍ରାଥମିକ ତଦନ୍ତ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଏସ୍‌ଡିପିଓ କହିଛନ୍ତି। ତେବେ ସମ୍ପୃକ୍ତ ଛାତ୍ରୀଙ୍କ ସହିତ ଅନ୍ୟ ଦୁଇଜଣ ଯୁବକଙ୍କର କେତେକ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଥିବା କେତେକ ଗଣମାଧ୍ୟମ ପ୍ରତିନିଧି ଏସ୍‌ଡିପିଓଙ୍କ ନଜରକୁ ଆଣିଥିଲେ। ସେମାନଙ୍କ ପ୍ରତି ପୋଲିସ କାହିଁକି ଅନୁକମ୍ପା ଦେଖାଉଛି ବୋଲି ପ୍ରଶ୍ନର ଉତ୍ତରରେ ଏସ୍‌ଡିପିଓ କହିଥିଲେ ଯେ, ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରାଯାଉଛି। ଯେଉଁମାନେ ତଦନ୍ତ ପରିସରକୁ ଆସିବେ ପୋଲିସ ସେମାନଙ୍କୁ ପଚରାଉଚରା କରି କାର୍ଯ୍ୟାନୁଷ୍ଠାନ ନେବ। ସୂଚନା ଥାଉକି, ଛାତ୍ରୀ ଜଣଙ୍କ ଗତ ୨୧ ତାରିଖରେ ଭଦ୍ରକ ରେଳଷ୍ଟେଶନରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ।

# ଲୁଟେରାଙ୍କୁ କାବୁ କରି ପିଟିଲେ ଲୋକେ

ବାହାନଗା, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ଗ୍ରାମର ଜଣେ ଫେରି ବ୍ୟବସାୟୀ ଘରକୁ ଫେରୁଥିବା ବେଳେ ଖରାସାହାପୁର ପଞ୍ଚାୟତର ମହାନ୍ତି ପୋଲ ନିକଟରେ ଗତ ଶନିବାର ରାତିରେ ଜଣେ ଯୁବକ ବ୍ୟବସାୟୀଙ୍କୁ ଅଟକାଇ ମାଡ ମାରି ତାଙ୍କ ନିକଟରୁ ଟଙ୍କା ଲୁଟି ନେଇ ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଲୋକେ ତାଙ୍କୁ କାବୁ କରି ନିର୍ଘୃମ ପିଟିଥିଲେ। ଏହାପରେ ସୋର ଥାନା ପୋଲିସ୍‌କୁ ହସ୍ତାନ୍ତର କରିଥିଲେ ।

ଶନିବାର ରାତି ପ୍ରାୟ ୯ଟା ବେଳେ ଚିତ୍ତଳ ଗ୍ରାମର ଶ୍ରୀଧର ନାୟକ ବିଭିନ୍ନ ଗାଁ ଗାଁ ବୁଲି ସାମଗ୍ରୀ ଧରି ଲୁନା ଗାଡିରେ ବାହାନଗା ବ୍ଲକ ଅଭଣା ଓ ଖରାସାହାପୁର ଅଞ୍ଚଳରେ ବିକ୍ରି କରି ଘରକୁ ଫେରୁଥିଲେ। ଏହି ସମୟରେ ଖରାସାହାପୁର ବଜାର ଛକରେ ଫେରି ବ୍ୟବସାୟୀ ଜଣକ ଜଳଖିଆ ଖାଇବା ପରେ ସେ ରାତି ୮ ଟା ୪୦ରେ ଘରକୁ ଫେରୁଥିଲେ। ଖରାସାହାପୁର ଅଞ୍ଚଳର ଶଙ୍କରପଦା ଗ୍ରାମର ବିନୟ ମହାଳିକ ବ୍ୟବସାୟୀଙ୍କ ପାଖରେ ଟଙ୍କା ଥିବା ଦେଖି ତାଙ୍କ ପିଛା କରିଥିଲେ। ତେବେ ରମ୍‌ଧାସ୍ଥିତ ମହାନ୍ତି ପୋଲ ନିକଟରେ ଯୁବକ ଜଣକ ଶ୍ରୀଧୀରଙ୍କୁ ଅଟକାଇ ଟଙ୍କା ଛଡାଇବା ସହିତ ତାଙ୍କୁ ମାଡ ମାରିଥିଲେ । ତାଙ୍କ ନିକଟରୁ ୩ହଜାର ଟଙ୍କା ଓ ବିଭିନ୍ନ ସାମଗ୍ରୀ ଛଡାଇ ନେଉଥିବା ବେଳେ ରମଧା ଗ୍ରାମର କେତେକ ଲୋକ ଦେଖି ଲୁଟେରା ଯୁବକଙ୍କୁ କାବୁ କରିପକାଇଥିଲେ। ତେବେ ରାତିରେ ରମ୍‌ଧା ଗ୍ରାମକୁ ଆଣି ଲୁଟେରା ଯୁବକଙ୍କୁ ମାଡ ମାରିବା ପରେ ସୋର ଥାନାକୁ ଖବର ଦେଇଥିଲେ । ପୋଲିସ୍ ଘଟଣାସ୍ଥଳକୁ ଆସି ଲୁଟେରାଙ୍କୁ ଗ୍ରାମବାସୀଙ୍କଠାରୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ। ଏ ବାବଦରେ ଫେରି ବ୍ୟବସାୟୀ ଶ୍ରୀଧର ସୋର ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଥାନାରେ ମାମଲା ରୁଜୁ କରାଯାଇଛି। ପୋଲିସ ତଦନ୍ତ ଚଳାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରର କାମ ନିମ୍ନମାନର

ଖଇରା, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଅଭିଯୋଗ ହୋଇଛି । ବୁଧବାର ବର୍ଷା ସମୟରେ ରାତିଅଧିଆ ଛାତ ଢଳେଇ କାର୍ଯ୍ୟ କରାଯାଇଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି ।

ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଉପରତାଲା ଛାତ ପାଇଁ ୩୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ । କାର୍ଯ୍ୟ ଆରମ୍ଭରୁ ଯନ୍ତ୍ରୀଙ୍କ ଅନୁପସ୍ଥିତି ତାଙ୍କୁ ଏଭଳି ନିମ୍ନମାନର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଆସୁଥିଲା । ବୁଧବାର ବର୍ଷା ସମ୍ପର୍କରେ ବହୁ ଆଗରୁ ପାଣିପାଗ ବିଭାଗ ସୂଚନା ଦେଇଥିବା ବେଳେ କିଭଳି ଛାତର ଢଳାଇ କାର୍ଯ୍ୟ କରାଗଲା ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥିରେ ବ୍ୟବହୃତ ହୋଇଥିବା ରଡ, ଚିପ୍‌ସ ଅତ୍ୟନ୍ତ ନିମ୍ନମାନର ବୋଲି କୁହାଯାଉଛି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ ଏହି ଅଭିଯୋଗର ତଦନ୍ତ କରିବେ ବୋଲି କହିଛନ୍ତି।



ବେପରୁଆ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ନିମ୍ନମାନର କାର୍ଯ୍ୟ।

### ଛାତ୍ରୀଙ୍କୁ ଅସଦାଚରଣ: ଜଣେ ଅଟକ

ପଦ୍ମପୁର,୯।୨(ଡି.ଏନ.ଏ.)-ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଜଣେ ଯବକଙ୍କୁ ଅଟକ ରଖିଛି। ଛାତ୍ରୀଙ୍କ ମା’ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଗତ ଶୁକ୍ରବାର ସକାଳେ ସ୍ଥାନୀୟ ବିଦ୍ୟାଳୟକୁ ଯାଉଥିଲେ। ବର୍ଷା ହେବାରୁ ରାସ୍ତାକଡ଼ରେ ଏକ ଅର୍ଦ୍ଧନିର୍ମିତ ଘରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ତାଙ୍କୁ ବିଲକୁ ଟେକି ନେଇ ଅସଦାଚରଣ କରିଥିଲେ। ଝିଅ ଜୋର୍‌ରେ ପାଟି କରିବାରୁ ଯୁବକ ଜଣଙ୍କ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୬/୨୦) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା ପରେ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ନିରୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ବର-ଅଶ୍ୱତ୍ଥ ବିବାହ ଉତ୍ସବ



ବିବାହ ବନ୍ଧନରେ ବାନ୍ଧି ହୋଇଥିବା ବର-ଅଶ୍ୱତ୍ଥ ଗଛ।

ଭଣ୍ଡାରିପୋଖରୀ,୯।୨(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତ ପଦିନାରାୟଣପୁର ଗ୍ରାମ ପାର୍ଶ୍ୱ ରାସ୍ତାରେ ମଦନମୋହନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବର-ଅଶ୍ୱତ୍ଥ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର(କନ୍ୟା) କର୍ତ୍ତୀକର୍ତ୍ତା ଭାବେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ଧଳ ଓ ତାଙ୍କ ପତ୍ନୀ ବିଦ୍ୟୁତ୍‌ଲତା ଜେନା ଏବଂ ଅଶ୍ୱତ୍ଥ(ବର) କର୍ତ୍ତା ଶିକ୍ଷାବିତ୍ ଘନଶ୍ୟାମ ସ୍ୱାଇଁ ବୈଦିକ ପ୍ରଥା ଅନୁଯାୟୀ ବୈବାହିକ କାର୍ଯ୍ୟ ସମ୍ପାଦନା କରିଥିଲେ। ପୁରୋହିତ ଅରକ୍ଷିତ ପଣ୍ଡା, ନାପିତ ଦେବେନ୍ଦ୍ର ବାରିକ ଓ ଜ୍ୟୋତିଷ ଉମାକାନ୍ତ ନାୟକଙ୍କ ସହାୟତାରେ ଗ୍ରାମଦେବତୀ ମା’ ବୁଢ଼ୀଜାଗୁଳାଇଙ୍କଠାରେ ପ୍ରାରମ୍ଭିକ ଆରାଧନା ପରେ ତରୁରୁଦ୍ର ବିବାହ ସମ୍ପନ୍ନ ହୋଇଥିଲା। ୪ ଘଣ୍ଟା ଧରି ପୂଜାପାଠ ଚାଲିଥିଲା। ବରକନ୍ୟାଙ୍କ ପରି ବୃକ୍ଷଦ୍ୱୟକୁ ଫୁଲ ନୋଳ ପିନ୍ଧାଇ ବନ୍ଧନ କରାଯାଇଥିଲା। ବ୍ରାହ୍ମଣ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ପଦିନାରାୟଣପୁର ଗ୍ରାମବାସୀ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଧଳ ଦମ୍ପତିଙ୍କ ପକ୍ଷରୁ ଗ୍ରାମବାସୀ ନିମନ୍ତ୍ରିତ ଅତିଥିଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଶିକ୍ଷାବିତ୍ ଗୟାଧର ସାମଲ, ମଦନ ମୋହନ ପଣ୍ଡା, ଅରୁଣ ବାରିକ, ହିମାଂଶୁ ରାଉତ, ସନ୍ତୋଷ ଧଳ, ଦୋଳଗୋବିନ୍ଦ ଖୁଣ୍ଟିଆ, ଡା. ନିରଞ୍ଜନ ଓଝା, ବୃନ୍ଦାବନ ରାଉଳ, ପ୍ରଫୁଲ୍ଲ ପଣ୍ଡା, ପ୍ରସନ୍ନ ମହାପାତ୍ର, ସୁବାସ ଧଳ, ପ୍ରଦୀପ ବେହୁରିଆ, ରଞ୍ଜନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଗୋଟିଏ ଗାଡ଼ିରେ ଦୁଇଟି ସେବା

ଭଣ୍ଡାରିପୋଖରୀ, ୯।୨(ଡି.ଏନ.ଏ.)

ସରକାର ସ୍ୱାସ୍ଥ୍ୟ ବିଭାଗ ପ୍ରତି ସଚେତନ ରହି ତତ୍‌କାଳ ସେବା ଯୋଗାଇବା ପାଇଁ ୧୦୮ ଓ ୧୦୨ ଭଳି ସେବା ଯୋଗାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ୧୦୮ ସେବା ରାସ୍ତା ଦୁର୍ଘଟଣା ସହ ଅନ୍ୟାନ୍ୟ ଜରୁରିକାଳୀନ ରୋଗୀଙ୍କ ପାଇଁ ପ୍ରଯୁଜ୍ୟ। ୧୦୨ ସେବା ଗର୍ଭବତୀ ମହିଳାଙ୍କ ପାଇଁ ପ୍ରଯୁଜ୍ୟ ରହିଛି। ମାତ୍ର ଗୋଟିଏ ଗାଡ଼ିରେ ଦୁଇଟି ସେବା ଯୋଗାଯିବା ପରିତାପର ବିଷୟ ହୋଇଛି। ଗାଡ଼ିର ଗୋଟିଏ ପାର୍ଶ୍ୱରେ ୧୦୮ ଲେଖା ରହିଥିବାବେଳେ ଅନ୍ୟପଟେ ଜନନୀ ସୁରକ୍ଷା ଲେଖା ରହିଛି। ସରକାର ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇଥିବା ଗାଡ଼ିରେ ଏଭଳି ଲେଖା ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ରବିବାର ଭଦ୍ରକ ଯାଇ ଫେରୁଥିବାବେଳେ ଧାମନଗର ଛକଠାରେ କେତେଜଣ ଯୁବକ ଅଟକାଇଥିଲେ।

ଗାଡ଼ି ସମ୍ପର୍କରେ ଚାଳକ କିଛି କହିପାରି ନ ଥିଲେ। ଗୋଟିଏ ଗାଡ଼ି କିଭଳି ଦୁଇପ୍ରକାର ସେବା ଯୋଗାଇବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ଗାଡ଼ି ସମ୍ପର୍କରେ କିଛି ଜାଣିନାହାନ୍ତି। ୧୦୨କୁ ବନ୍ଦ କରାଯାଇ ୧୦୮ ଗାଡ଼ି ଚାଲୁଛି। ଏହି ୧୦୮ ସବୁପ୍ରକାର ସେବା ଯୋଗାଇଦେବ। ମଞ୍ଜୁରିରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡେଲିଭରୀ ପଏଣ୍ଟ ହୋଇଥିବାରୁ ସେଠାରେ ଗୋଟିଏ ୧୦୨ ଗାଡ଼ି ଅଛି। ୧୦୨ ବନ୍ଦ ପରେ ୧୦୮ ହିଁ ସବୁ ସେବା ଯୋଗାଇ ପାରିବ ବୋଲି ସେ କହିଛନ୍ତି।

# ନିଲମ୍ବିତ କର୍ମଚାରୀ ୭ବର୍ଷ ପରେ କାର୍ଯ୍ୟରେ ଯୋଗଦେଲେ

ବାଲେଶ୍ୱର ଅଫିସ,୯।୨:

ବାଲେଶ୍ୱର ଜିଲା ନେସ୍କୋ କାର୍ଯ୍ୟାଳୟରେ ଜଣେ ଲାଇନମ୍ୟାନ ‘ବି’ ସ୍ପୋର୍ଟସ କୋଟାରେ ୭ବର୍ଷ ତଳେ ଚାକିରି ପାଇଥିଲେ। ସେ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିବା ସମସ୍ତ ସାର୍ଟିଫିକେଟ୍ ଜାଲ ବୋଲି ଅଭିଯୋଗ ହେବା ପରେ ଜିଲାପାଳ, ନେସ୍କୋ ଅଧିକାରୀ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପୋଲିସ ଏହାର ଯାଞ୍ଚ କରିଥିଲେ। ଉକ୍ତ ସାର୍ଟିଫିକେଟ ଜାଲ ବୋଲି ଜଣାପଡ଼ିବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଦୀର୍ଘ ୭ବର୍ଷ ପୁଣି ପୁନଃ ଅବସ୍ଥାପିତ କରାଯାଇଥିବାରୁ ଏହାକୁ ନେଇ ନେସ୍କୋ କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି। ରବି ବେରା ନାମକ ଜଣେ ବ୍ୟକ୍ତି ସ୍ପୋର୍ଟସ କୋଟାରେ ଲାଇନ ମ୍ୟାନ ‘ବି’ରେ ଚାକିରି ପାଇଥିଲେ। ତାଙ୍କର ସାର୍ଟିଫିକେଟକୁ ରସୁଲଗଡ଼ରେ ଥିବା କ୍ରାଇମବ୍ରାଞ୍ଚର ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରୋଟୋରିକୁ ପଠାଯାଇଥିଲା। ସେଠାରୁ ଉପରୋକ୍ତ ସାର୍ଟିଫିକେଟ ଜାଲ ବୋଲି ପ୍ରମାଣ ଆସିବା ପରେ ତାଙ୍କୁ ନିଲମ୍ବିତ କରାଯିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ସୁପାରିଶ କରିଥିଲେ। ତେବେ ଦୀର୍ଘ ୭ବର୍ଷ ପରେ ପୁଣି ବେରାଙ୍କୁ ନେସ୍କୋ କାର୍ଯ୍ୟାଳୟରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାକୁ ନେଇ ନେସ୍କୋ କାର୍ଯ୍ୟାଳୟରେ ଅସନ୍ତୋଷ ଦେଖାଦେଇଛି। ଏହି ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଠିକ୍ ଭାବେ ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ନାରାୟଣ ବିଶୋଇ କହିଛନ୍ତି, ରବି ବେରା ସ୍ପୋର୍ଟସ କୋଟାରେ ଚାକିରି ପାଇଥିଲେ। ସେତେବେଳେ ତାଙ୍କର କୌଣସି ସାର୍ଟିଫିକେଟ ଆବଶ୍ୟକ ଥିବାର ନିୟମ ଉଲ୍ଲେଖ କରାଯାଇ ନ ଥିଲା। ଏହାକୁ ଉଚ୍ଚପଦସ୍ଥ ଅଧିକାରୀ ତଦନ୍ତ କରିଛନ୍ତି। ଚାକିରି ସହିତ ସାର୍ଟିଫିକେଟ୍‌ର କୌଣସି ସମ୍ପର୍କ ନ ଥିବା ପ୍ରକାଶ କରିଛନ୍ତି।

# ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ

ଭୋଗରାଇ, ୯।୨(ଡି.ଏନ.ଏ.)

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଆଟକୁ ସହରରେ ଏକ ଘରୋଇ ହୋଟେଲରେ କାର୍ଯ୍ୟରତ ଦୁଇଓଡ଼ିଆ ଶ୍ରମିକଙ୍କ ମରଶରୀର ରବିବାର ଦିଲ୍ଲୀ ବିମାନବନ୍ଦରରୁ ଏୟାରଇଣ୍ଡିଆ ବିମାନ

**ଜାପାନରେ ୨ ଓଡ଼ିଆଙ୍କ ମୃତ୍ୟୁ ଘଟଣା**

ଯୋଗେ ଆସି କଲକାତା ଦମଦମ୍ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ଦୁଇ ଓଡ଼ିଆ ଶ୍ରମିକଙ୍କ ପରିବାର ଓ ଆତ୍ମୀୟ ସ୍ୱଜନମାନେ ଦୁଇଟି ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ନେଇ ଗାଁକୁ ଫେରିଥିଲେ। ସନ୍ଧ୍ୟାରେ ମରଶରୀର ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।




ଦମଦମ୍ ଏୟାରପୋର୍ଟରେ ଆମ୍ବୁଲାନ୍ସ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ କସବା କମର୍ଦ୍ଦା ଗ୍ରାମର ସେକ୍ ମମତାଜ (୪୫) ଓ ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ପଠାନ୍‌ମେହେଲ ବସ୍ତିର ସେକ୍ ବାହାରୁଦ୍ଦିନ (୪୬) ଦୁଇ ଓଡ଼ିଆ ଶ୍ରମିକ ସେଠାରେ ଦୀର୍ଘବର୍ଷ ଏକ ଘରୋଇ ହୋଟେଲରେ ରୋଷେୟା ଭାବେ କାର୍ଯ୍ୟରତ ଥିଲେ। ଗତ ୨୯ତାରିଖ ରୋଷେଇ ଘରେ ସେମାନେ କବାଟ ବନ୍ଦ କରି ରୋଷେଇ କରୁଥିବା ବେଳେ କାର୍ବନ ମନୋକ୍ସାଇଡ଼ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ଅଣନିଃଶ୍ୱାସୀ ହୋଇପଡ଼ି ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ କୁହାଯାଇଥିଲା। ମରଶରୀରକୁ ଜାପାନରୁ ଓଡ଼ିଶା ଆଣିବା ନିମନ୍ତେ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଥିଲା। ଏହି ଅର୍ଥ ଖର୍ଚ୍ଚ ପାଇଁ ପରିବାର ଅସମର୍ଥ ଥିବାରୁ ଆତ୍ମୀୟସ୍ୱଜନ ଓ ସାମାଜିକ କର୍ମୀମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କୁ ଗୁହାରି କରିଥିଲେ। ଭୋଗରାଇ ବିଧାୟକ ଅନନ୍ତ ଦାସ ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଥିଲେ। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏହି ଘଟଣାକୁ ଗୁରୁତ୍ୱ ଦେଇ କେନ୍ଦ୍ରସରକାରଙ୍କଠାରେ ଆଲୋଚନା କରିବା ସହିତ ବୈଦେଶିକ ମନ୍ତ୍ରଣାଳୟ ଜାପାନ ସରକାରଙ୍କ ସହାୟତା ପାଇଁ ନିବେଦନ କରିବା ପରେ ସରକାରୀ ଅର୍ଥରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମରଶରୀର ଆସିବା ସମ୍ଭବ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ କଲିକତା ବିମାନ ବନ୍ଦରରେ ମରଶରୀର ନେବାକୁ ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ। ଭୋଗରାଇର ମୃତ ଓଡ଼ିଆ ଶ୍ରମିକ ସେକ ମମତାଜକୁ ତାଙ୍କ ପୈତୃକ ଘର ଆରୁହାବୃତ୍ତି ଗାଁକୁ ନିଆଯାଇ ସେଠାରେ କବର ଦିଆଯାଇଥିଲା। ସେଠାରେ ମୃତ ଯୁବକଙ୍କ ପରିବାର, ଆତ୍ମୀୟସ୍ୱଜନ, ବହୁ ସାମାଜିକକର୍ମୀ, ବିଭିନ୍ନ ଗଣସଂଗଠନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ



### ରାଜ୍ୟସ୍ତରକୁ ଶୁଭମ୍ ମନୋନୀତ

**ହାଟଡିହୀ,୯। ୨(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଜୋଳ ଗ୍ରାମର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ପୁଅ ପି.ଏଲ.ଶୁଭମ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ଶୁଭମ ଯାଜପୁର ଜିଲା ପଲିଟେକନିକ୍ ମହାବିଦ୍ୟାଳୟର ଛାତ୍ର ଅଟନ୍ତି। ବାରିପଦା ଠାରେ ବୈଷୟିକ ମହାବିଦ୍ୟାଳୟସ୍ତରୀୟ ଏକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବହୁ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ କଡା ପ୍ରତିଯୋଗିତା ହୋଇଥିଲା। ଶୁଭମଙ୍କ ଅଭିନୟ ବେଶ ଚମତ୍କାର ଥିଲା। ସେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ଯକ୍ରମକୁ ମନୋନୀତ ହୋଇଛନ୍ତି। ପୁଅର ଏପରି ପ୍ରତିଭାକୁ ନେଇ ବାପା ମାଆ ବେଶ ଖୁସି ଥିବାବେଳେ କଲେଜ ଅଧାପକ, ଅଧକ୍ଷ, ସାଙ୍ଗ ସାଥି ମହଲରେ ମଧ ଖୁସି ପ୍ରକାଶ ପାଇଛି।

### 'ମୋ କଲେଜ ଅଭିଯାନ' ପ୍ରଥମ ବୈଠକ



**ବଡବିଲ, ୯।୨ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ରାଜ୍ୟ ସୀମାନ୍ତ ବଡବିଲ କଲେଜରେ 'ମୋ କଲେଜ ଅଭିଯାନ' ଆରମ୍ଭ ହୋଇଛି। କଲେଜ ଅଧକ୍ଷ ବନମାଳୀ ଜେନାଙ୍କ ଆବାହକତ୍ୱରେ ମୋ କଲେଜ ଅଭିଯାନର ପ୍ରଥମ ବୈଠକ ରବିବାର ଅପରାହ୍ନରେ ପୁରାତନ ଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ହୋଇଛି। ପ୍ରଥମ ବୈଠକରେ 'ମୋ କଲେଜ ଅଭିଯାନ' ର ଉଦ୍ଦେଶ୍ୟ ଓ ନୈତିକତା ବିଷୟରେ ଅଧକ୍ଷ ଜେନା ବିଷଦ ଭାବେ ଉପସ୍ଥାପନ କରିଥିଲେ। ସେହିପରି ଅଧାପକ ରାଜୀବ ଲୋଚନ ଆଚାର୍ଯ୍ୟ, ଅଧାପକ ପ୍ରତାପ କୁମାର ଜେନା ଓ ଦୀପକ ସିଂହ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରଙ୍କୁ କଲେଜର ପ୍ରତିଟି କାର୍ଯ୍ୟରେ ସାମିଲ କରି କଲେଜର ହିତସାଧନ ନିମନ୍ତେ ଏହି ଯୋଜନା ଥିବା କହିଥିଲେ। ପୁରାତନ ଛାତ୍ରମାନଙ୍କ ମଧରେ ଅଶୋକ ଠକ୍କର, ଲକ୍ଷ୍ମୀଧର ଦାସ ଓ ଦୀପକ ଶ୍ରେଷ୍ଠାଙ୍କ ସହ ଅନେକ ଛାତ୍ରମାନେ ଯୋଗଦେଇଥିଲେ। ତେବେ ଆଗାମୀ ଦିନରେ 'ମୋ କଲେଜ ଅଭିଯାନ' ରେ ଏକ ସଂଘ ଗଠନ ଓ ଏହାର ପଞ୍ଜୀକରଣ କରାଯିବା ସହ ଅନେକ ପୁରାତନ ଛାତ୍ରଙ୍କୁ ଏଥିରେ ସାମିଲ କରି କଲେଜର ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ନିଆଯାଇପାରିବ ବୋଲି ଉପସ୍ଥିତ ଛାତ୍ରମାନେ ମତବ୍ୟକ୍ତ କରିଥିଲେ।

### ଏସ୍‌ୟୁଟିଟି ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଚମ୍ପୁଆ, ୯।୨(ଡି.ଏନ.ଏ)-** ଚମ୍ପୁଆ ବ୍ଲକ ସରେଇ ପଞ୍ଚାୟତ ଖେଳ ପଡିଆଠାରେ ଦ୍ୱାଦଶ ଏସୟୁଟିଟି ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ସମାଜସେବୀ ବିଦ୍ୟୁଭୂଷଣ ପତି, ସାମ୍ବାଦିକ ପ୍ରଦୀପ ପ୍ରଧାନ, ଖବରଦାତା ମହେଶ୍ୱର ଦାସ ଓ ସମିତି ସଭ୍ୟା ଜାନକୀ ନାଏକ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ଗୁଡିକରେ ଖେଳ ପ୍ରତିଭା ଚୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏସୟୁଟିଟି କ୍ଲବର ଟୁର୍ନାମେଣ୍ଟରେ ଚମ୍ପୁଆ ବ୍ଲକର ୧୬ ଗୋଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତା ୧୬ ତାରିଖ ଦିନ ଏହାର ଅନ୍ତିମ ତଥା ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ବିଜୟୀ ଦଳକୁ ୧୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ଅଶ୍ୱିନୀ କୁମାର ଗିରି ସୂଚନା ଦେଇଛନ୍ତି। ଖବରଦାତା କେମନ୍ତ କାରୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରଥମ ଦିନର ପ୍ରଥମ ଖେଳରେ ବାରଖଣ୍ଡିଆ ଏକାଦଶ ଓ ଜ୍ୟୋତିପୁର ଏକାଦଶ ମଧରେ ଅନୁଷ୍ଠିତ ହୋଇଯାଇଛି।

# ଓଡ଼ିଶୀ, ବିହୁରେ ଦୁଲୁକିଲା ମଞ୍ଚ

**ଯୋଡ଼ା, ୯।୨(ଡି.ଏନ.ଏ.)**

ମହୋତ୍ସବକୁ ସମସ୍ତେ ଉପଭୋଗ କରନ୍ତି। ଗତ ୩ଦିନ ହେବ ପାଗ ଅନୁକୂଳ ନ ଥିବାବେଳେ ଯୋଡ଼ାରେ ଶନିବାର ଦିନ ଯୋଡ଼ା ମହୋତ୍ସବର ଉଦ୍‌ଘାଟନୀ ଥିଲା। ପାଗ ଖରାପ ଏବଂ ବର୍ଷା ସତ୍ତ୍ୱେ ବହୁ ଲୋକ ମହୋତ୍ସବରେ ଯୋଗ ଦେଇଥିଲେ। ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ସତେ ଯେପରି ଲୋକଙ୍କ ମୁଁହ ଦେଖିଲେ ଫୁଲ ଫୁଟିଲା ପରି ଲାଗୁଥିଲା। ସେହିପରି ରବିବାର ଯୋଡା ମହୋତ୍ସବର ଥିଲା ଦ୍ୱିତୀୟ ଦିନ।

ଦ୍ୱିତୀୟ ଦିନର ଏହି ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଭାବେ ଡଗ୍ ସୋ, କୁନି କୁନି ପିଲାମାନାଙ୍କ ଦ୍ୱାରା ସଙ୍ଗୀତ



ଯୋଡ଼ା ମହୋତ୍ସବରେ ଭାଗ ନେଇଥିବା କଳାକାରମାନେ।

**ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ପ୍ରତିଯୋଗିତା, ଯୋଡା ତଥା ଆଖପାଖ ଅଞ୍ଚଳରୁ ଆସିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରୁପ୍ ଡ୍ୟାନ୍ସ ପ୍ରତିଯୋଗିତା ପରିବେଷଣ. ଲୋକନୃତ୍ୟ ପରିବେଷଣ, ମହିଳା ଓ ପୁରୁଷଙ୍କର ଦୌଡି ଟଣା ପ୍ରତିଯୋଗିତା, ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତା, କୌତୁକ ପୋଷାକ ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଦର୍ଶକ ମନଭରି ଉପଭୋଗ କରିଥିଲେ। କୁନିକୁନି ପିଲାମାନଙ୍କ ଦ୍ୱାରା ଓଡିଶୀ, ବିହୁ, ନୃତ୍ୟ ପରିବେଷଣ କଇରାଯାଇଥିଲା। ପ୍ରାୟ ୭୦ ଟି ଷ୍ଟଲରେ ସନ୍ଧ୍ୟା ସମୟରେ ପ୍ରବଳ ଭିଡ ଜମିଥିଲା। ଡଗ୍ ସୋରେ ବିଭିନ୍ନ ପ୍ରଜାତିର କୁକୁର ଅଂଶ ଗ୍ରହଣ କରିଥିଲେ। ସବୁଠାରୁ ମୁଖ୍ୟ ଆକର୍ଷଣ ବିଭିନ୍ନ ବିଦ୍ୟାଳୟର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଷଣ ନୃତ୍ୟ ସମାରୋହରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସନ୍ଧ୍ୟା ୬ ଘଟିକା ସମୟରେ ଅତିଥି ତଥା ଖବରଦାତା ପ୍ରକାଶ ମହାନ୍ତି, ମାନସ ମହାନ୍ତି, ମଣିନ୍ଦ୍ର ସୁନ୍ଦର ବାରିକ୍, ସମୀର ଦାସ, ଶାରଦା ଆଚାର୍ଯ୍ୟ, ସୁନିଲ ସାମଲ ପ୍ରମୁଖଙ୍କ ସମେତ ଅଭିଜ୍ଞାନ ମନ୍ଦିରର ମୁଖ୍ୟ ସୁଜାତା ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସମସ୍ତ ଦଳ ଓ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଯୋଡା ମହୋତ୍ସବକୁ ଦେଖିବା ପାଇଁ ଜୁରୁଡି, ବାମେବାରୀ, ବିଲେଇପଦା, ବଡବିଲ୍ ପ୍ରଭୃତି ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ଓଡିଆର ସୁନାମଧନ୍ୟ କଣ୍ଠଶିଳ୍ପୀ ଦିପ୍ତିରେଖା ପାଢୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସୋମବାର ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଭାବେ ଅନୁଷ୍ଠିତ ହେବ।

ଏକ ବର୍ଣ୍ଣାଢ୍ୟ ସଭାରେ ଟାଟା କମ୍ପାନୀର ମୁଖ୍ୟ ପ୍ରବନ୍ଧକ ଅତୁଲ ଭଟ୍ଟନାଗର, ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକଙ୍କ ସମେତ ଯୋଡ଼ା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ଚନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶୀ ନୃତ୍ୟ ସହିତ ନୃତ୍ୟାଙ୍ଗନାମାନେ।



ଡଗ୍ ଶୋ'ରେ ମୁଖ୍ୟ ଆକର୍ଷଣ ସାଜିଥିବା କୁକୁର।



ବ୍ରିଜ୍ ଛକଠାରେ ଲାଗିଥିବା ଦଳୀୟ ପତାକା।

## ପତାକା ପାଇଁ ଟ୍ରାଫିକ୍ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ ପ୍ରଭାବିତ

**ଆନନ୍ଦପୁର, ୯।୨(ସ୍ୱ.ପ୍ର.)**

ଜାନୁୟାରୀ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ଗସ୍ତ ଅବସରରେ ବ୍ରିଜଛକଠାରେ ସ୍ୱାଗତ କରାଯିବା ଉଦ୍ଦେଶ୍ୟରେ ଦଳୀୟ ପତାକା ଲଗାଯାଇଥିଲା। ଏହି ପତାକା ଦୀର୍ଘ ୧୦ ଦିନ ହେବ ବ୍ରିଜଛକରେ ଟ୍ରାଫିକ ବ୍ୟବସ୍ଥାକୁ ପ୍ରଭାବିତ କରିବା ସହିତ ନୂତନ ଭାବେ ହୋଇଥିବା ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥାକୁ ମଧ ପ୍ରଭାବିତ କରୁଥିବା ଦେଖାଯାଇଛି। ପତାକାଗୁଡ଼ିକରୁ ସୁତୁଲି ଛିଡି ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ଗଛଗୁଡିକ ନଷ୍ଟ କରିବାରେ ଲାଗିଛି। ହାଲକା ପବନରେ ସୁତୁଲି ସହ ପତାକା ଛିଡି ଲଗାଯାଇଥିବା ଗଛଗୁଡିକ ମାଟିରୁ ଉପୁଡିବାରେ ସହାୟକ ହେଉଛି। ଫଳରେ ଅନେକ ଛୋଟ ଛୋଟ ଗଛ ଉପୁଡି ନଷ୍ଟ ହେବାକୁ ବସିଲାଣି। ଏହି ପତାକା ପାଇଁ ଟ୍ରାଫିକ୍ ବ୍ୟବସ୍ଥା ପ୍ରଭାବିତ ହେଉଥିବାବେଳେ ଯାନବାହନଗୁଡ଼ିକ ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସିଛି। ଭାରିଯାନଠାରୁ ଆରମ୍ଭ କରି ବାଇକ୍ ଆରୋହୀମାନେ ମଧ ବିଭିନ୍ନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଟଣା ଦିଗରେ ଆନନ୍ଦପୁର ପୌର ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଥିଲେ ମଧ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇପାରିନି। ପୌର ଅଧିକାରୀ ହିତାଂଶୁ ଶେଖର ସାମଲ ଘଟଣା ଦିଗରେ ଖୁବଶୀଘ୍ର ଦୃଷ୍ଟି ଦେବାକୁ କହିଥିବାବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

## ଲଗାଣ ବର୍ଷାରେ ଭୁଶୁଡିଲା ବ୍ଲକ ପାଚେରି



ଭୁଶୁଡିଲା ବ୍ଲକ ପାଚେରି।

**ତେଲକୋଇ, ୯।୨(ଡି.ଏନ.ଏ.)**

ଦିର୍ଘ ୨ଦିନ ଧରି ଲଗାଣ ବର୍ଷା ହୋଇଥିବା ଯୋଗୁ ବ୍ଲକ ପାଚେରୀ ଭୁଶୁଡ଼ି ପଡିଛି। ଦୀର୍ଘ ଦିନର ଏହି ପାଚେରୀ ନିର୍ମାଣ ହୋଇଥିବା ଯୋଗୁ ଭୁଶୁଡି ଯାଇଛି। ବ୍ଲକ ପରିସରରେ ମୂଲ୍ୟବାନ ଗଛ, ଫୁଲ ଗଛ ରହିଥିବା ବେଳେ ଏବେ ଏହା ଗୋରୁ ଗାଈଙ୍କ ଆଶ୍ରୟ ସ୍ଥଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟ ସହିତ ଶିକ୍ଷାବିଭାଗ, ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଏହି ପରିସରରେ ରହିଥିବା ବ୍ଲକ ପ୍ରଶାସନ ଅଧୀନରେ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ କରୁଥିବା ବେଳେ ଏବେ ପାଚେରୀ ଚିନ୍ତାରେ ବ୍ଲକ ପ୍ରଶାସନ ରହିଛନ୍ତି। ବ୍ଲକର ସାମ୍ନା ଓ ପଛ ପାଖରେ ପାଚେରୀର ବ୍ୟାପକ କ୍ଷତି ହୋଇଛି। ଏସମ୍ପର୍କରେ ବିଡିଓ ଦିଲ୍ଲିପ କୁମାର ବାରାଙ୍କୁ ପଚାରିବାରୁ ସେ କହିଲେ ଯେ, ବହୁ ପୁରୁଣା ପାଚେରୀ ଥିବା ଯୋଗୁ ଏହା ଭୁଶୁଡ଼ି ପଡିଛି। ତୁରନ୍ତ ପାଚେରୀ ନିର୍ମାଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୱାର୍ଡମେମ୍ବର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

**ଆନନ୍ଦପୁର, ୯।୨(ସ୍ୱ.ପ୍ର.)**

ରାଜ୍ୟ ନିର୍ବାଚନ କମିଶନ ଚିଠି ନଂ (ଜିପି) ୦୨/ ୨୦୨୦/ ୩୭୮/ ୫।୨।୨୦୨୦ ଅନୁଯାୟୀ ଆନନ୍ଦପୁର ବ୍ଲକ ଅଧୀନରେ ଖାଲିପଡିଥିବା ୪ ଗୋଟି ୱାର୍ଡମେମ୍ବର ପଦବୀ ନିମନ୍ତେ ନିର୍ବାଚନ ପାଇଁ ନୋଟିସ୍ ଜାରି କରାଯାଇଛି। ଆନନ୍ଦପୁର ବ୍ଲକ ଅଧୀନ ବାଇଲୋ ପଞ୍ଚାୟତ ୱାର୍ଡ ନଂ ୧୪, ମନୋହରପୁର ୱାର୍ଡ ନଂ ୦୫, ବୁଢୀକୁଦ ୱାର୍ଡ ନଂ ୦୭, ଧକୋଠା ୱାର୍ଡ ନଂ ୧୧ ଗୁଡିକରେ ୱାର୍ଡମେମ୍ବର ପଦବୀ ଖାଲି ପଡିଥିଲା। ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ସମ୍ପୃକ୍ତ ୱାର୍ଡଗୁଡ଼ିକରେ ଉପ ନିର୍ବାଚନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ଫେବୃୟାରୀ ୫ରୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ସଂପୃକ୍ତ ୱାର୍ଡଗୁଡିକରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ପ୍ରାର୍ଥିପତ୍ର ଦାଖଲ ପାଇଁ ଫେବୃୟାରୀ ୧୯, ୨୦ ଓ ୨୪ ତାରିଖ ସ୍ଥିର କରାଯାଇଥିବାବେଳେ ୨୫ ତାରିଖରେ ଯାଞ୍ଚ ପ୍ରକ୍ରିୟା କରାଯାଇ ୨୬ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ୨୮ ତାରିଖକୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିନ ରଖାଯାଇଥିବାବେଳେ ଅପରାହ୍ନ ୩ ଟାରେ ଚୂଡାନ୍ତ ତାଲିକା ମଧ ପ୍ରକାଶ କରାଯିବ। ମାର୍ଚ୍ଚ ୨୦ ସକାଳ ୭ଟାରୁ ମଧାହ୍ନ ୧୨ ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବାକୁ ସ୍ଥିର କରାଯାଇଥିବାବେଳେ ୨୧ ମାର୍ଚ୍ଚରେ ଭୋଟ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ମାର୍ଚ୍ଚ ୨୩ରେ ବିଜୟୀ ୱାର୍ଡ ସଭ୍ୟା/ସଭ୍ୟଙ୍କ ତାଲିକା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ୫ମ ଥର ପାଇଁ ବିଜେଡି ସଭାପତି ମାଧବାନନ୍ଦ

**ପାଟଣା,୯।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବିଜେଡି ଦଳର ସାଂଗଠନିକ ନିର୍ବାଚନ ଇତିମଧରେ ଅନୁଷ୍ଠିତ ହୋଇଛି। ବିଜେଡି ଦଳର ଜିଲା ନିର୍ବାଚନ ଅଧିକାରୀ ସଞ୍ଜୟ ମିଶ୍ର ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ପଟଣା ବ୍ଲକ ପାଇଁ ୫ମ ଥର ପାଇଁ ମାଧବାନନ୍ଦ ପୃଷ୍ଟି ବ୍ଲକ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିପୂର୍ବରୁ ମାଧବାନନ୍ଦ ପାଟଣା ବ୍ଲକ ଉପାଧକ୍ଷ ରହିଥିଲେ। ବିଜେଡି ଦଳ ଲାଗି ତାଙ୍କର ତୃଣମୂଳ ସ୍ତରରେ ସଂଗଠକ ଭାବେ ଅଭିଜ୍ଞତା ରହିଛି। ସେ ବିଜେଡିର ଟାଣୁଆ ନେତା ତଥା ପାଟଣା ବ୍ଲକର ପୂର୍ବତନ ଅଧକ୍ଷ ସ୍ୱର୍ଗତ ଅନିରୁଦ୍ଧ ପୃଷ୍ଟିଙ୍କ ସୁପୁତ୍ର ଅଟନ୍ତି। ତାଙ୍କର ପୁନର୍ବାର ସଭାପତି ନିର୍ବାଚିତ ହେବା ନେଇ ପାଟଣା ବ୍ଲକ ବିଜେଡି କର୍ମୀଙ୍କ ମଧରେ ଖୁସି ପ୍ରକାଶ ପାଇଛି।

## ଆନ୍ତଃରାଜ୍ୟ ଦିନିକିଆ ଫୁଟବଲ ପ୍ରତିଯୋଗିତା



ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସହ ଅତିଥି।

**ଚମ୍ପୁଆ/ଝୁମ୍ପୁରା, ୯।୨(ଡି.ଏନ.ଏ)**

ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ମିନି ଷ୍ଟାଡିୟମଠାରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଆନ୍ତଃରାଜ୍ୟ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ୟୁଥ୍ କ୍ଲବ ଗୁଣ୍ଡୁଣିଆର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଫୁଟବଲ ଟୁର୍ନାମେଣ୍ଟରେ ଓଡିଶା ଓ ଝାଡଖଣ୍ଡର ୮ ଗୋଟି ଦଳ ଭାଗ ନେଇଥିଲେ। ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ପୁରାତନ ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ଏହି ରୋମାଞ୍ଚକର ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ ନୁଆମୁଣ୍ଡି ଓ ହୁଦ୍‌ରାମପୁର ମଧରେ ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ଏହି ଟୁର୍ନାମେଣ୍ଟରେ ମାଷ୍ଟର ଇଲଭେନ୍ ଚମ୍ପୁଆ, ଭେଟେରାଲ ଏକାଦଶ ମୟୂରଭଞ୍ଜ କରଞ୍ଜିଆ, ମର୍ନିଂ କ୍ଲବ କେନ୍ଦୁଝର, ନରଣପୁର ଏକାଦଶ କେନ୍ଦୁଝର, ରୟାଲ ଚ୍ୟାଲେଞ୍ଜର ଝାଡଖଣ୍ଡ ଓ ଫିଲ୍ଡ ମାଷ୍ଟର ଚଉଠିଆ ଦଳ ଭାଗ ନେଇଥିଲେ। ଏହି ଫୁଟବଲ ପ୍ରତିଯୋଗିତାକୁ କୃଷ୍ଣଚନ୍ଦ୍ର ମହାନ୍ତ ଓ ଦିପକ ମହାନ୍ତ ରେଫରି ଭାବେ ଦାୟିତ୍ୱ ନିଭାଇଥିବା ବେଳେ ଭୋଳାନାଥ ମହାକୁଡ ଓ ଡି.ବାରିକ ଏହାର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଚାମ୍ପିୟନ ଦଳକୁ ୭ ହଜାର ଓ ରନର୍ସଅପ ଦଳକୁ ୫ ହଜାର ସହିତ ତୃତୀୟ ଓ ଚତୁର୍ଥ ଦଳକୁ ୨ହଜାର ଓ ୧୫ଶହ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ମୁଖ୍ୟ ରାସ୍ତାରେ ମାଳମାଳ ବିଦ୍ୟୁତ୍ ଖୁଣ୍ଟ

**କେନ୍ଦୁଝର, ୯।୨(ସ୍ୱ.ପ୍ର.)**

ବିଦ୍ୟୁତ ଯୋଗାଣ ପାଇଁ କେନ୍ଦୁଝର ସହରର ବିଭିନ୍ନ ରାସ୍ତାରେ ଖୁଣ୍ଟ ପୋତା ଯାଇଛି। ବିଭିନ୍ନ ସ୍କିମରେ ବହୁ ସଂଖ୍ୟାରେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି। ତେବେ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ଅଭାବରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପୁରୁଣା ଖୁଣ୍ଟକୁ ବ୍ୟବହାର ନ କରି ବହୁ ସଂଖ୍ୟାରେ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି। ସେହିପରି ପୁରୁଣା ଖୁଣ୍ଟକୁ ଉଠା ନ ଯାଇ ନୂଆ ପୋତାଯାଉଥିବା କାରଣରୁ ରାସ୍ତାସାରା ମାଳମାଳ ଖୁଣ୍ଟ ପରିଲକ୍ଷିତ ହେଉଛି। ଏନେଇ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣାର କାରଣ ହେଉଛି ବୋଲି ମତପ୍ରକାଶ ପାଉଛି। ଏହି କାରଣରୁ ପୁରୁଣାବଜାର, ବଡହଳ, କଲେଜ ରୋଡ ଆଦି ଅଞ୍ଚଳରେ ଦୁଇ ପାଖରେ ବହୁ ସଂଖ୍ୟାରେ ଖୁଣ୍ଟ ପୋତାଯିବା ଫଳରେ ରାସ୍ତା ସଙ୍କୁଚିତ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଗୋଟିଏ ଗୋଟିଏ ଖୁଣ୍ଟରେ ବିଭିନ୍ନ ସ୍କିମରେ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ତାର ଟଣାଯାଇ ସେବା ଯୋଗାଇଦିଆଗଲେ ରାସ୍ତାରେ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ମତପ୍ରକାଶ ପାଉଛି। ସେହିପରି ଏହା ଦ୍ୱାରା ସହରର ସୌନ୍ଦର୍ଯ୍ୟହାନୀ ଘଟୁଛି। ଏନେଇ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ କହିଛନ୍ତି ଯେ ବିଦ୍ୟୁତ ବିଭାଗ ଓ ପୌରପାଳିକାର ଅଲଗା ଅଲଗା ବିଦ୍ୟୁତ ସେବା ଯୋଗାଇଦିଆଯାଉଛି। ଏଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି।

## ବିଦ୍ୟାଳୟରେ ଆଚାର୍ଯ୍ୟ ଚୟନ ପରୀକ୍ଷା

**ଚମ୍ପୁଆ,୯।୨(ଡି.ଏନ.ଏ.)**

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟ ଚୟନ ପରୀକ୍ଷା (୧ମ ପର୍ଯ୍ୟାୟ) ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଉତ୍ତର ସମ୍ଭାଗର ସମ୍ପାଦକ ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତ ଓ ସଂଯୋଜକ ଶ୍ରୀ ସୁକାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱା ବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷା କନ୍ଦୁେଝର ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ, ମୟୂରଭଞ୍ଜ ବିଭାଗ ନିରୀକ୍ଷକ ଶ୍ରୀ ଜିତୁରାମ ମହାନ୍ତ ଓ ଉତ୍ତର ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପଦ୍ମଲୋଚନ ମହାନ୍ତ ପରିଚାଳନା କରିଥିଲେ। ଏହି କେନ୍ଦ୍ରରେ କେନ୍ଦୁଝର, ତୁରୁମୁଙ୍ଗା, ଝୁମ୍ପୁରା, ବଡବିଲ, ଚମ୍ପୁଆ ସଙ୍କୁଳର ମୋଟ ୧୭୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ ସଙ୍କୁଳ ପ୍ରମୁଖ ତଥା ବିଦ୍ୟାଳୟର ସମ୍ପାଦକ ଗଙ୍ଗାଧର କର, ସଂଯୋଜକ ଧରଣୀଧର ଦାସ ଉପସ୍ଥିତ ଥିଲେ। ଏଥି ସହିତ ବହୁ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ସୁଶାନ୍ତ କୁମାର ଗିରି ଓ ସମସ୍ତ ଗୁରୁମାଗୁରୁଜୀ, ସେବିକାସେବକଙ୍କ ସହଯୋଗରେ ଏହି ପରୀକ୍ଷା ସଫଳ ହୋଇଥିଲା।



ଆଚାର୍ଯ୍ୟ ଚୟନ ପରୀକ୍ଷାରେ ଭାଗ ନେଇଥିବା ପରୀକ୍ଷାର୍ଥୀ।

## 'ଅବହେଳା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବୁ'

**କେନ୍ଦୁଝର, ୯।୨(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ମିଳିତ କ୍ରିୟାନୁଷ୍ଠାନ କମିଟିର ୬ଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପଠାରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ବୈଠକରେ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠାତା ସଦସ୍ୟ, କର୍ମକର୍ତ୍ତା ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଗତ ୨୦୧୫ ଫେବୃୟାରୀ ୯ ତାରିଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ନାମରେ ଏକ ସଂଗଠନ ଆରମ୍ଭ ହୋଇ ଜିଲାର ୫ ଦଫା ଦାବିକୁ ନେଇ ଦୀର୍ଘ ୫୯ ଦିନର ଆନ୍ଦୋଳନ କରାଯାଇଥିଲା। ଜିଲାର ସ୍ୱାର୍ଥ ସମ୍ବଳିତ ୫ ଦଫା ଦାବିକୁ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବିରାଟ ଜନ ଆନ୍ଦୋଳନ ଏବଂ ରାଲି ମଧ କରାଯାଇଥିଲା। ଏହି ଦାବି ବ୍ୟତୀତ ଅନ୍ୟ ୪ଗୋଟି ଦାବି ପୂରଣ ହୋଇ ନ ଥିବାବେଳେ ବୈତରଣୀ ନଦୀ ଜଳ ପରିଚାଳନା ସମ୍ବନ୍ଧରେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି।

**ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠା ଦିବସ**



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

ଜିଲାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ବୃହତ୍ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ମହାବିଦ୍ୟାଳୟରେ ପରିଣତ କରିବା, ଜିଲାର ଦୁଇ ପ୍ରମୁଖ ଉପଖଣ୍ଡ ଚମ୍ପୁଆ ଓ ଆନନ୍ଦପୁରକୁ ରେଳ ସଂଯୋଗ କରିବା, ଜୁଡିଆଠାରେ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ବୈତରଣୀ ନଦୀ ଜଳର ଲୋକାଭିମୁଖୀ ସୁପରିଚାଳନା ଭଳି ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ସରକାର ଦାବୀ ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନରୁ ଓହରି ଥିଲା। ମାତ୍ର ଇତିମଧରେ ୬ବର୍ଷ ବିତି ଯାଇଥିଲେ ସୁଦ୍ଧା ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠାକୁ ଛାଡି ଦେଲେ ଅନ୍ୟ ଦାବି ଗୁଡିକ ପ୍ରତି ସରକାର ଆଖି ବୁଜି ଦେଇଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲା ପ୍ରତି ସରକାରଙ୍କ ବାରମ୍ବାର ଅବହେଳା ପ୍ରତିବାଦରେ ମିଳିତ କ୍ରିୟାନୁଷ୍ଠାନ କମିଟି ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଦାବିଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉପାୟରେ ଗଣଧାରଣା ଆଦି କରାଯିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଅବସରରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ରୁଦ୍ରନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ରାମନାରାୟଣ ଦ୍ୱିବେଦୀ, ବିପ୍ଳବ ମିଶ୍ର, ଆଲୋକ ମିଶ୍ର, ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ର, ସଦର ବ୍ଲକ ଅଧକ୍ଷା ଲତିକା ଦେହୁରୀ, ଉପାଧକ୍ଷ ବିଶ୍ୱନାଥ ବାରିକ, ପ୍ରତିଷ୍ଠାତା ସଦସ୍ୟ କିରଣବାଳା ନାୟକ, ପୂର୍ବତନ ଭାରପ୍ରାପ୍ତ ନଗରପାଳ ସରୋଜ ସାହୁ, କୈଳାଶ ପ୍ରଧାନ, ମୋହନ ପରିଡା, ବିରଜା ମିଶ୍ରଙ୍କ ସମେତ କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ୫ଶହରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟିର ୫ଦଫା ଦାବି ପୂରଣ ଦିଗରେ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ୧୫ଦିନ ସମୟ ଦେବାକୁ ମତପ୍ରକାଶ ପାଇଥିଲା। ଦାବି ପୂରଣ ଦିଗରେ ସରକାର କର୍ଣ୍ଣପାତ ନକଲେ ଆଗାମୀ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟି ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି ସୂଚନା ଦିଆଯାଇଛି।

# ମେଣ୍ଟରାଜପୁର ଛକରେ ବସ୍ ଦୁର୍ଘଟଣାର ଦୃଶ୍ୟ...




ମେଣ୍ଟରାଜପୁର ଛକରେ ରବିବାର ବିଦ୍ୟୁତ୍ ତାର ଲାଗି ସିଲ୍‌କି ସିଟି ବସ୍ ଦୁର୍ଘଟଣାସ୍ଥଳରେ ଜମା ହୋଇଥିବା ସ୍ଥାନୀୟ ଲୋକେ।



ଜଣେ ଆହତଙ୍କୁ ମେଡିକାଲକୁ ନିଆଯାଉଛି।



ଆହତଙ୍କ ନିକଟରେ ଗୋପାଳପୁର ବିଧାୟକ ଓ ଅନ୍ୟମାନେ।



ମେଡିକାଲରେ ଜଣେ ଆହତଙ୍କ ନିକଟରେ ସମ୍ପର୍କୀୟ।



ଜଣେ ଆହତଙ୍କ ଚିକିତ୍ସା ଚାଲିଛି।



ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରୁଛନ୍ତି।



ଜଣେ ଆହତଙ୍କୁ ଅଟୋରୁ ବାହାର କରାଯାଉଛି।



ମେଡିକାଲରେ ଶୋକାକୁଳ ପରିବାର।



ନିର୍ବନ୍ଧ ପାଇଁ ଯାଉଥିବା ପୂଜା ସାମଗ୍ରୀ।



ଚିକିତ୍ସାଳୟରେ ଆହତ।



ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଓ ଅନ୍ୟ ବରିଷ୍ଠ ଅଧିକାରୀ।



ଶୋକାକୁଳ ଆତ୍ମୀୟ।



ପୋଡ଼ି ଯାଇଥିବା ବସ୍ ଭିତର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଫେବୃୟାରୀ ୧୦/୨୦୨୦ Dhenkanal, Monday , February 10 / 2020

## ସଂକ୍ଷେପରେ

### ଜଳିଗଲା ଦୋକାନ



ଭୁବନ,୯।୨(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ଜଗନ୍ନାଥ ବଜାରରେ ଥିବା ମଦନ ସେଠୀଙ୍କ ପାନ ଦୋକାନ ଶନିବାର ରାତିରେ ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ମଦନ ଦୋକାନ ବନ୍ଦ କରି ଘରକୁ ଫେରିବା ପରେ ତାଙ୍କ ଦୋକାନରେ ନିଆଁ ଲାଗିଥିବା ଖବର ପାଇଥିଲେ। ପରେ ସେ କାମାକ୍ଷାନଗର ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଖବରପାଇ କାମାକ୍ଷାନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ



ବଇଣ୍ଡା,୯।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ତୁରୁଡ଼ା ଗ୍ରାମରେ ଶନିବାର ଓ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ କଳସ ଶୋଭାଯାତ୍ରା କରିବା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ୧୦ ଊର୍ଦ୍ଧ୍ୱ ନାମସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ଘଟଣାସ୍ଥଳ ପରିଦର୍ଶନ କରିବେ ଜିଲାପାଳ






ମେଡିକାଲ ପରିସରରେ ନଷ୍ଟ ହୋଇଯାଇଥିବା ନାପକିନ୍ । ଅମିତ୍ ମୋଦି କରିଥିବା ଟୁଇଟ୍ ।

- ■ 'ଖୁସି' ଯୋଜନା ବାଟବଣା ଘଟଣା
- ■ ପଡ଼ିଥିବା ନାପକିନ 'ଖୁସି'ର ନୁହେଁ ବୋଲି ସିଡିଏମ୍ଓଙ୍କ ସଫେଇ
- ■ ନଷ୍ଟ ହୋଇଥିବା ନାପକିନ କାହାର ନେଇ ଉଠିଲା ପ୍ରଶ୍ନ
- ■ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁଗୋଳ ଯୁବକଙ୍କ ଟୁଇଟ୍

**ଅନୁଗୋଳ ଅଫିସ୍, ୯।୨**

ଅନୁଗୋଳ ଜିଲାରେ ସରକାରଙ୍କ 'ଖୁସି' ଯୋଜନା ଦିଗହରା ହୋଇଯାଇଥିବା ନେଇ ଗତ ୮ ତାରିଖ 'ଧରିତ୍ରୀ'ରେ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ତନାଘନା ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ)ଙ୍କୁ ପଚାରି ବୁଝିବା ସହ ମେଡିକାଲ ପରିସରରେ କିପରି ଓ କେଉଁ ପରିସ୍ଥିତିରେ ହଜାର ହଜାର ସାନିଟାରୀ ନାପକିନ ପକାଇ ନଷ୍ଟ କରିଦିଆଗଲା ତାହା ଜାଣିବାକୁ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ନଷ୍ଟ ହୋଇଥିବା ସାନିଟାରି ନାପକିନ୍ ଖୁସି ଯୋଜନାର ନୁହେଁ ବୋଲି ସିଡିଏମ୍ଓ ସଫେଇ ଦେବା ପରେ ଏତେ ସଂଖ୍ୟକ ନାପକିନ କେଉଁଠୁ ଆସିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନୁଗୋଳର ଅମିତ୍ ମୋଦି ନାମକ ଜଣେ ଯୁବକ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏ ନେଇ ଟୁଇଟ୍ କରିବାପରେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅଡୁଆ ଆହୁରି ବଢ଼ିଯାଇଛି।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ଟ୍ରକ୍ ମାଲିକ ସଂଘ ଦ୍ୱାରା ନିର୍ମିତ ସେବା ଭବନର ଠିକ୍ ପଛ ପାର୍ଶ୍ୱ ଘରର ଖୋଲା ଅଗଣାରେ ହଜାର ହଜାର ସାନିଟାରି ନାପ୍‌କିନ୍ ପଡ଼ିରହି ନଷ୍ଟ ହୋଇଯାଇଛି। ଏ ନେଇ ଖବର ପ୍ରକାଶନ ପରେ ଜିଲାପାଳ ସିଡିଏମ୍ଓ ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। କିନ୍ତୁ ସିଡିଏମ୍ଓ ଜିଲାରେ ଖୁସି ଯୋଜନା ଠିକ୍ ଠାକ୍ ଚାଲିଥିବା ଜିଲାପାଳଙ୍କୁ ସଫେଇ ଦେଇଥିଲେ। ଏପରି କି ପଡ଼ିଥିବା ନାପକିନ ମେଡିକାଲକୁ ଆସୁଥିବା ନାପ୍‌କିନ୍ ହୋଇଥାଇପାରେ ବୋଲି ଜିଲାପାଳଙ୍କୁ ସଫେଇ ଦେଇଥିଲେ। ଘଟଣାରେ ତାଳମେଳ ରହୁ ନ ଥିବାରୁ ଏ ନେଇ ଅବଗତ ହେବାକୁ ନିଜେ ଜିଲାପାଳ ଘଟଣାସ୍ଥଳକୁ ଯିବେ ବୋଲି କହିଛନ୍ତି। ଏ ନେଇ ସିଡିଏମ୍ଓ ଅମରେନ୍ଦ୍ରନାଥ ମହାନ୍ତିଙ୍କ ମୋବାଇଲ ନଂ ୯୪୩୯୯୮୧୩୩୧କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

# ମାଧପୁର ଅଞ୍ଚଳରେ ହାତୀ ଉପଦ୍ରବ

**ମାଧପୁର,୯।୨:** ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ କରିଛନ୍ତି। ୨ଟି ହାତୀ ନିକଟସ୍ଥ ଜଙ୍ଗଲରୁ ଆସି ତିତିରିକଟା ହୋଇ ମାଧପୁର ବଜାର ଦେଇ ମାଧପୁର ପଡ଼ିଆ, ମାଧପୁର, ରଞ୍ଜନା, ଗଦାଧରପୁର ଜଙ୍ଗଲ ଅଭିମୁଖେ ଯାଇଥିଲେ। ହାତୀପଲ ଜମି ଭିତରେ ପଶିବା ସହିତ କିଛି ଲୋକଙ୍କ ଖଳାରେ ଥିବା ଧାନ ଖାଇ ଦେଇଥିଲେ। ସେହିପରି କଦଳୀ ଗଛ, ପୁଆଳ ଗଦା ଆଦି ନଷ୍ଟ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ତରଫରୁ ହାତୀ ଘଉଡାଇବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।






# ଆମ କଲେଜ ବଗିଚା ଅଭିଯାନ



ଜନତା କଲେଜରେ ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି।

**ଢେଙ୍କାନାଳ ଅଫିସ,୯।୨:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟର ୟୁଥ ରେଡକ୍ରସ ସଭ୍ୟ ଏବଂ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଆମ କଲେଜ ବଗିଚା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ସୁଧାଂଶୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୟୁଥ୍ ରେଡକ୍ରସର ସଭ୍ୟ ଓ ଛାତ୍ରୀଛାତ୍ରମାନେ ମିଳିତ ହୋଇ ମହାବିଦ୍ୟାଳୟ ପରିସରରେ ଫୁଲଚାରା ରୋପଣ କରିବା ସହ ବଗିଚାକୁ ପରିଷ୍କାର ପରିଚ୍ଛନ୍ନ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ରମେଶଚନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷକ ଅବନୀ ରଞ୍ଜନ ଜେନା, କର୍ମଚାରୀ ତ୍ରିଭୁବନ ସାରଥି ଦାସ, ଅବସରପ୍ରାପ୍ତ କର୍ମଚାରୀ ସର୍ବେଶ୍ୱର ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଙ୍ଗାରବନ୍ଧ ମାଘ ମେଳାରେ ଅଗ୍ନିକାଣ୍ଡ ଗୁଜବ



**ଅନୁଗୋଳ ଅଫିସ୍, ୯।୨:** ଅନୁଗୋଳ ସହର ଉପକଣ୍ଠ ଅଙ୍ଗାରବନ୍ଧରେ ଚାଲୁଥିବା ମାଘ ମେଳାରେ ଅଗ୍ନିକାଣ୍ଡ ନେଇ ରବିବାର ଗୁଜବ ସୃଷ୍ଟି ହୋଇଥିଲା। ଫଳରେ ମେଳା ବୁଲି ଆସିଥିବା ଲୋକମାନେ ଭୟଭୀତ ହୋଇ ଏଣେ ତେଣେ ଧାଁ ଦୌଡ଼ କରିଥିଲେ। ପରେ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଏହା ଗୁଜବ ବୋଲି ଲୋକଙ୍କୁ ବୁଝାଶୁଝା କରାଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ କହିଛନ୍ତି ଯେ, ମେଳାରେ କୌଣସି ଅଗ୍ନିକାଣ୍ଡ ଘଟିନାହିଁ।

ପ୍ରକାଶ ଯେ, ଅନୁଗୋଳ ଥାନା ଅଙ୍ଗାରବନ୍ଧ ମାଘ ମେଳାରେ ଅଗ୍ନିକାଣ୍ଡ ନେଇ ରବିବାର ସନ୍ଧ୍ୟାରେ ଭୟର ବାତାବରଣ ଖେଳିଯାଇଥିଲା। ଲୋକମାନେ ଦୋଳିର ମଜା ନେଉଥିବାବେଳେ ହଠାତ୍ ବିଦ୍ୟୁତ୍ ତାରରୁ ସ୍ପାର୍କିଂ ହୋଇଥିଲା। ଫଳରେ ଅଗ୍ନିକାଣ୍ଡ ଆଶଙ୍କା କରି ଲୋକମାନେ ଦୋଳି ବନ୍ଦ କରିବାକୁ କହିବା ସହ ଧାଁ ଦୌଡ଼ କରିଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହା କୌଣସି ଅଗ୍ନିକାଣ୍ଡ ନୁହେଁ ବରଂ ବିଜୁଳି ତାରରେ ପାଣି ଲାଗିଥିବାରୁ ଏଭଳି ସ୍ପାର୍କିଂ ହୋଇଥିବା କହିବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ ଓ ମେଳା ସ୍ଥିତି ସ୍ୱାଭାବିକ ହୋଇଥିଲା।




# ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଇଣ୍ଡା,୯।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜରେ ଚାଲିଥିବା ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକ ଯୋଗଦେଇ କହିଲେ, ଭବିଷ୍ୟତକୁ ସୁନ୍ଦର କରି ଗଢି ତୋଳିବାକୁ ହେଲେ ସ୍ୱପ୍ନର ଆବଶ୍ୟକତା ରହିଛି। ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ହିଁ ସଫଳତା ଶୀର୍ଷରେ ପହଞ୍ଚିପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବ୍ରତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ୩୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବଇଣ୍ଡା ଇନୋଭେଟ ପରିସରରେ ଚାଲିଥିବା ଶିଳ୍ପୋଦ୍ୟୋଗୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଲୋସନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗଗନ ବିହାରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୩୦ ଜଣ ଯୁବତୀଯୁବକ, ସମ୍ପାଦିକା, ସଭାନେତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଲୋକନାଥ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ବଇଣ୍ଡା କଲେଜର ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ